## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................


ଆଦି
ପରିବାରବର୍ଗ


ଶରନ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଜି ଭବାନୀପାଟଣା ଆସିବେ ମୋଦି

**ଭବାନୀପାଟଣା,୧୪(ଡି.ଏନ.ଏ.)**

ନିର୍ବାଚନୀ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପୂର୍ବାହ୍ନ ୯ଟାରେ ଭବାନୀପାଟଣା ଆସିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଛି। ସୋମବାର ଏସ୍‌ପିଜି ଅଧିକାରୀମାନେ ସଭାସ୍ଥଳ କ୍ରିଷ୍ଣା ନଗର ପଡ଼ିଆ ପରିଦର୍ଶନ କରିବା ସହିତ ଜିଲା ଓ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କ୍ରିଷ୍ଣା ନଗରରେ ପହଞ୍ଚିବା ପରେ ସଭାସ୍ଥଳକୁ ଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି।

### ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି



ସମଗ୍ର ସଭାସ୍ଥଳ ସିସିଟିଭି କ୍ୟାମେରା ନଜରରେ ରହିବ। ସଭାଗୃହ ଓ ଆଖପାଖରେ ୨୦ ପ୍ଲାଟୁନରୁ ଅଧିକ ପୋଲିସ ଫୋର୍ସ ସହ ବିଏସ୍‌ଏଫ୍, ଡିଭିଏଫ୍, ଟେକ୍‌ନିକାଲ ୟୁନିଟ, ବୋମା ନିଷ୍କ୍ରିୟକାରୀ ଦଳ, କୁଇକ ଆକ୍ସନ ଟିମ୍ ନିୟୋଜିତ ରହିବେ। ସୁରକ୍ଷା ଦାୟିତ୍ୱରେ ୩ଜଣ ବରିଷ୍ଠ ପୋଲିସ ଅଧିକାରୀ ନିୟୋଜିତ ହୋଇଥିବା ବେଳେ ପୋଲିସ ପକ୍ଷରୁ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

## ବଜ୍ରପାତରେ ଜଣେ ମୃତ

**ବେଲପଡା, ୧୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ମଣ୍ଡଳ ଗ୍ରାମରେ ବୋରୱେଲ ଖନନ ସମୟରେ ସୋମବାର ବଜ୍ରପାତ ଘଟି ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି।

# ଅଙ୍ଗନୱାଡି କେନ୍ଦ୍ରରେ ଅସାମାଜିକଙ୍କ ଆଡ୍ଡା, ଉତ୍ତେଜନା

**ଶଙ୍କରାଖୋଲ,୧୪(ଡି.ଏନ୍.ଏ.)**


ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଏକାଠି ହୋଇଥିବା ମହିଳା।

ଚକାପାଦ ବ୍ଲକ ଶଙ୍କରାଖୋଲ ଗ୍ରାମ ପୀତାବଳି ମନ୍ଦିର ପରିସରରେ ଥିବା ଅଙ୍ଗନୱାଡି କେନ୍ଦ୍ର (କ) ନିକଟରେରେ ଅସାମାଜିକ ବ୍ୟକ୍ତିମାନେ ଆଡ୍ଡା ଜମାଇବା ସହ ପରିସ୍ରା କରିବା ଘଟଣାକୁ ନେଇ ସୋମବାର ଉତ୍ତେଜନା ଦେଖା ଦେଇଛି। ସ୍ଥାନୀୟ ୩ଟି ସାହିର ମହିଳାମାନେ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଉକ୍ତ କେନ୍ଦ୍ରଟି ପୀତାବଳି ମନ୍ଦିର ପରିସରରେ ରହିଛି। ଆଗପଟେ ପାଚେରୀ ନିର୍ମାଣ ହୋଇଥିବାବେଳେ ପଛପଟ ଫାଙ୍କା ରହିଛି। କେନ୍ଦ୍ରର ଝରକା ଓ କବାଟ ଭାଙ୍ଗି ଯାଇଛି। ପଛପଟେ କେତେକ ଅସାମାଜିକ ବ୍ୟକ୍ତି ବସି ନିଶା ସେବନ କରିବା ସହ ଝରକାବାଟେ ଆସି ପରିସ୍ରା କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଫଳରେ ଛୋଟ ଶିଶୁମାନେ ଦୁର୍ଗନ୍ଧରେ କେନ୍ଦ୍ରରେ ବସି ପାରି ନାହାନ୍ତି। ସମସ୍ୟା ନେଇ କର୍ମୀ ସାବିତ୍ରୀ ତ୍ରିପାଠୀ, ସଭାପତି ଗୋବିନ୍ଦ ଅମାତ୍ୟ, ଗୀତାଞ୍ଜଳୀ ଦଣ୍ଡି,ସ୍ୱର୍ଣ୍ଣଲତା କହଁର, ପୁଷ୍ପାଞ୍ଜଳୀ ଦିଗାଳଙ୍କ ସହ ୫୦ରୁ ଉର୍ଦ୍ଧ୍ୱ ମହିଳା ଚକାପାଦ ବିଡିଓ ଅନିଲ କୁମାର ପଟ୍ଟନାୟକ, ସିଡିପିଓ ଅଲିଅଲ ପ୍ରଧାନ, ଟିକାବାଲି ଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀ ଓ ସରପଞ୍ଚ ଚିତ୍ର କହଁରଙ୍କୁ ଲିଖିତ ଅଭିଯୋଗ କରିଥିଲେ। କେନ୍ଦ୍ର ଚାରିପଟେ ପାଚେରୀ ନିର୍ମାଣ ସହ ଝରକା, କବାଟ ମରାମତି କରିବାକୁ ମହିଳାମାନେ ଦାବି କରିଥିଲେ। ସରପଞ୍ଚ ଚିତ୍ର କହଁର ପହଞ୍ଚି ତୁରନ୍ତ ଏନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ୩ ଲୋକ ସଭା...

ଆଗାମୀ ଦିନରେ ତାଙ୍କ ରାଜନୈତିକ ଭବିଷ୍ୟତରେ ପ୍ରଶ୍ନବାଚୀ ଚିହ୍ନ ଲାଗିଯିବ ବୋଲି ରାଜନୈତିକ ବିଶ୍ଳେଷକମାନେ ଭବିଷ୍ୟବାଣୀ କରିଛନ୍ତି। ଦୀର୍ଘ ୨୦ ବର୍ଷ ହେବ ବିଜୟ ବିଧାନସଭା ମୁହଁ ଦେଖି ନାହାନ୍ତି। ୨୦୧୪ରେ ଭାଜପାରୁ ସେ ମହାକାଳପଡ଼ା ଆସନରେ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକଙ୍କ ବିରୋଧରେ ନିର୍ବାଚନ ଲଢ଼ିଥିଲେ। ତେବେ ସେ ଅତନୁଙ୍କଠାରୁ ୨୩୨୪୬ ଭୋଟରେ ହାରିଯାଇଥିଲେ। ତେବେ ଗତ ୫ ବର୍ଷ ମଧ୍ୟରେ ଭାଜପାରେ ବିଜୟଙ୍କୁ ସେତେଟା ଗୁରୁତ୍ୱ ଦିଆ ନ ଯିବାରୁ ସେ ଗତ କିଛି ମାସ ପୂର୍ବରୁ ଦଳରୁ ଇସ୍ତଫା ଦେଇଥିଲେ। ତାଙ୍କ ସହିତ ରାଉରକେଲା ବିଧାୟକ ଦିଲୀପ ରାୟ ମଧ୍ୟ ଭାଜପାରୁ ଇସ୍ତଫା ଦେଇଥିଲେ। ଉଭୟ ପୁଣି ବିଜେଡିକୁ ଫେରିଯିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଦିଲୀପଙ୍କୁ ନବୀନ ନିବାସ ଡକାଯିବା ପରେ ଏହି ଚର୍ଚ୍ଚା ଆହୁରି ଜୋର ଧରିଥିଲା। ମାତ୍ର ଉଭୟ କିଛିଦିନ ନୀରବ ରହିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ଭାଜପା ବିଜୟ ମହାପାତ୍ରଙ୍କ ମାନ ଭଞ୍ଜନ କରିବାରେ ସଫଳ ହୋଇଥିଲା। ବିଜୟ ଭାଜପାକୁ ଫେରି ଆସିବା ସହିତ ଦଳ ତାଙ୍କୁ ମହାକାଳପଡ଼ା ପରିବର୍ତ୍ତେ ପାଟକୁରାରୁ ପ୍ରାର୍ଥୀ କରିଛି।

ସେହିପରି କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିବା ସିନେ ତାରକା ଅପରାଜିତା ମହାନ୍ତିଙ୍କୁ ଭାଜପା ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ କରିଛି। ଅପରାଜିତା ୨୦୧୪ରେ କଂଗ୍ରେସରୁ କଟକ ଲୋକ ସଭା ସିଟରୁ ନିର୍ବାଚନ ଲଢ଼ିଥିଲେ। ସେ ବିଜେଡି ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କଠାରୁ ନିର୍ବାଚନ ହାରି ଯାଇଥିଲେ। ୨୦୧୮ରେ ଅପରାଜିତା କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିଲେ। ଚଳିତ ନିର୍ବାଚନରେ ଦଳ ତାଙ୍କ ଉପରେ ଭରସା କରିଛି। ୨୦୧୪ରେ ଏହି ନିର୍ବାଚନ ମଣ୍ଡଳୀରୁ ଭାଜପାରୁ ଦିଲୀପ ମଲ୍ଲିକଙ୍କୁ ଦଳ ପ୍ରାର୍ଥୀ କରିଥିଲା। ତେବେ ଏହି ଆସନ ପାଇଁ ବିଜେଡି ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରି ନାହିଁ।

### କଟକରୁ...

ନିର୍ବାଚନମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲିଙ୍କୁ ସୁଯୋଗ ମିଳିଛି। ନିଆଳି, କାକଟପୁର ସଂରକ୍ଷିତ ବିଧାନସଭା ଏବଂ ଜଗତସିଂହପୁର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇଯାଇଛି। ତେଣୁ ମନ୍ତ୍ରୀ ଶଶିଭୂଷଣଙ୍କ ରାଜନୈତିକ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ଭାଜପା ଛାଡି ବିଜେଡିରେ ସାମିଲ ହୋଇଥିବା ଜିତୁ ମିତ୍ରଙ୍କୁ ଖୋର୍ଦ୍ଧାରୁ ଦଳୀୟ ଟିକେଟ୍ ମିଳିଛି। ସେହି ସ୍ଥାନରେ ପୂର୍ବରୁ ବିଧାୟକ ଥିବା ରାଜେନ୍ଦ୍ର ସାହୁଙ୍କୁ ବେଗୁନିଆରୁ ପ୍ରାର୍ଥୀ କରାଯାଇଛି। ବେଗୁନିଆ ବିଧାୟକ ଥିବା ପ୍ରଶାନ୍ତ ଜଗଦେବଙ୍କୁ ଚିଲିକାରୁ ପ୍ରାର୍ଥୀ କରାଯାଇଛି। ଯାଜପୁର ଜିଲା ବରୀ ଆସନକୁ ନେଇ ମଧ ସମସ୍ତ କଳ୍ପନା ଜଳ୍ପନାରେ ପୂର୍ଣ୍ଣଚ୍ଛେଦ ପଡିଛି। ବିଧାୟକ ଦେବାଶିଷ ନାୟକ ଏବଂ ରାଜ୍ୟ ସମ୍ପାଦକ ବିଜୟ ନାୟକଙ୍କୁ ପଛରେ ପକାଇ ଟିକେଟ୍ ହାତେଇଛନ୍ତି ସୁନନ୍ଦା ଦାସ। ବାଲେଶ୍ୱର ଜିଲା ବସ୍ତାରେ ପୂର୍ବପରି ନିତ୍ୟାନନ୍ଦ ସାହୁଙ୍କୁ ପ୍ରାର୍ଥୀ କରାଯାଇଛି। ନିକଟରେ ଭାଜପା ଛାଡି ଆସିଥିବା ରାଜକିଶୋର ଦାସଙ୍କୁ ମୟୂରଭଞ୍ଜ ଜିଲା ମୋରଡାରୁ ପ୍ରାର୍ଥୀ କରାଯାଇଛି। ରାଜକିଶୋରଙ୍କୁ ପ୍ରାର୍ଥୀ କରାଯିବାର କିଛି ସମୟ ପୂର୍ବରୁ ମୋରଡା ବିଧାୟକ ପ୍ରବୀଣ ଭଞ୍ଜଦେଓ ବିଜେଡି ଛାଡିଛନ୍ତି। ରାଇରଙ୍ଗପୁରରେ ସୁଶୀଲ ହାଁସଦାଙ୍କୁ ପରିବର୍ତ୍ତନ କରାଯାଇ ବାସନ୍ତୀ ମାରାଣ୍ଡିଙ୍କୁ ଦଳୀୟ ଟିକେଟ ମିଳିଛି।

ଅପରପକ୍ଷରେ ବିଜେଡିର ବିଜୟ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି ଆଶାବ୍ୟକ୍ତ କରିଛନ୍ତି। ରବିବାର ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ନିର୍ବାଚନ ଫଳାଫଳ ସମସ୍ତଙ୍କୁ ଚକିତ କରିବ ବୋଲି ମତ ରଖିଥିଲେ। ରାଜ୍ୟରେ ତ୍ରିପୁରା ଫଳାଫଳ ପୁନରାବୃତ୍ତି ନେଇ ଭବିଷ୍ୟବାଣୀ କରିଥିଲେ। ଏହା ଉପରେ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତ୍ରିପୁରାରେ ନିର୍ବାଚନ ଜିତିବା ପାଇଁ ଭାଜପା ଯେଉଁ ଫର୍ମୁଲା ଆପଣାଇଥିଲା, ତାହା ଓଡ଼ିଶାରେ କାମ କରିବ ନାହିଁ। ବିଜେଡି ରାଜ୍ୟରେ ହେବାକୁ ଥିବା ନିର୍ବାଚନରେ ବହୁତ ଭଲ ଫଳାଫଳ କରିବ। ତେଣୁ ନିର୍ବାଚନ ଫଳାଫଳ ପ୍ରକାଶ ପରେ ହିଁ ଜଣାପଡିବ କାହାର ଆକଳନ ଠିକ୍ ଥିଲା। ଚଳିତ ମାସ ୩ରୁ ମୁଖ୍ୟମନ୍ତ୍ରୀ ପ୍ରଚାରରେ ଯାଉଥିବାରୁ ମଙ୍ଗଳବାର ବିଜେଡି ବାକିଥିବା ପ୍ରାର୍ଥୀ ତାଲିକା ଘୋଷଣା କରିବାର ଯଥେଷ୍ଟ ସମ୍ଭାବନା ରହିଛି।

### 'ଓଡ଼ିଶାର ବିକାଶ ପାଇଁ ...

କହିଛନ୍ତି। ଗଜପତି ଜିଲା କାଶୀନଗର ବ୍ଲକର ସିଧାମଡାଙ୍ଗଠାରେ ଏବଂ ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ସୋମବାର ଏକ ନିର୍ବାଚନୀ ସଭାରେ ଶାହ ଯୋଗଦେଇ ନବୀନ ପଟ୍ଟନାୟକଙ୍କୁ କଡ଼ା ସମାଲୋଚନା କରିବା ସହ ବିଜେଡି ଉପରେ ବର୍ଷିଥିଲେ। ଲୋକ ସଭା ଓ ବିଧାନସଭା ନିର୍ବାଚନରେ ଭାଜପା ପ୍ରାର୍ଥୀମାନଙ୍କୁ ଭୋଟଦେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ନିର୍ଣ୍ଣୟ କରିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏପରି କି ଓଡ଼ିଶାରେ ପରିବର୍ତ୍ତନ ହେବ ଓ ଭାଜପା ସରକାର ଗଠନ କରିବ ବୋଲି ସେ କହିଥିଲେ।

ସିଧାମଡାଙ୍ଗ ସଭାରେ ଶାହ କହିଥିଲେ ଯେ, ଓଡ଼ିଶାରେ ଜଣେ ଇଂରେଜୀବାବୁ ଶାସନ ଚଳାଇଛନ୍ତି। କେନ୍ଦ୍ରରେ ଏବଂ ଓଡ଼ିଶାରେ ଭାଜପା ଶାସନକୁ ଆସିଲେ ଓଡ଼ିଶାର ଦ୍ରୁତ ବିକାଶ ହୋଇପାରିବ। ନବୀନ ସରକାରଙ୍କ ସମୟରେ ଓଡ଼ିଆମାନେ ଚାକିରି ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି। ଭାଜପା ସରକାର ଆସିଲେ ଏଠାରେ ଯୁବକଙ୍କୁ ନିଯୁକ୍ତି ମିଳିବ। ଓଡ଼ିଶାରେ ଦୁର୍ନୀତି ସୀମା ଟପିଛି। ଏପରି କି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ମଧ ସୁରକ୍ଷିତ ନାହିଁ। ଗଜପତି ଜିଲାରେ ପ୍ରବାହିତ ବଂଶଧାରା ଓ ମହେନ୍ଦ୍ରତନୟା ନଦୀରେ ଏଯାଏ ପ୍ରକଳ୍ପ ହୋଇପାରିନାହିଁ। ଫଳରେ ଜିଲାରେ ଚାଷୀଙ୍କ ଲାଗି ଜଳସେଚନର ସୁବିଧା ନାହିଁ। ଗୋଟିଏ ଦଳକୁ ଆପଣମାନେ ୧୯ବର୍ଷ କ୍ଷମତା ଦେଇ ଯଥେଷ୍ଟ ସମୟ ଦେଲେ। ଆମକୁ ୫ବର୍ଷ ସମୟ ଦିଅନ୍ତୁ, ଓଡ଼ିଶାର ଚିତ୍ର ବଦଳିଯିବ ବୋଲି ସେ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ବରିଷ୍ଠ ନେତା ଡା. ଦାମୋଦର ରାଉତ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ବିଧାୟକ ପ୍ରାର୍ଥୀ କେ. ନାରାୟଣ ରାଓ, ଅନିତାରାଣୀ ବେହେରା, ସିଦ୍ଧେଶ୍ୱର ମିଶ୍ର, ଜିଲା ସଭାପତି ଭେଙ୍କଟ ରମଣା, ବ୍ରହ୍ମପୁର ଏମ୍‌ପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଅମିତ୍ ଶାହ କହିଲେ, ଯେଉଁ ରାଜ୍ୟରେ ଭାଜପା ସରକାର ରହିଛି ସେଠାରେ ୨୪ ଘଣ୍ଟା ବିଦ୍ୟୁତ ଯୋଗାଣ ରହୁଛି। ଏଠାରେ କେତେ ଘଣ୍ଟା ବିଦ୍ୟୁତ କାଟ୍ କରାଯାଉଛି ତାହାର ଆକଳନ ନାହିଁ। କେନ୍ଦ୍ର ସରକାର ଓଡ଼ିଶାର ବିକାଶ ପାଇଁ ୫ବର୍ଷରେ ୫ଲକ୍ଷ ୫୬ହଜାର ୫୬୫କୋଟି ଟଙ୍କା ଦେଇଛନ୍ତି। କେନ୍ଦ୍ରରୁ ଟଙ୍କା ଆସୁଛି, କିନ୍ତୁ ତଳସ୍ତରରେ ପହଞ୍ଚୁନାହିଁ। କାରଣ ନବୀନଙ୍କ ଅଫିସର ଏହାକୁ ବାଟମାରଣା କରୁଛନ୍ତି। ଏହି ବ୍ୟବସ୍ଥା ବଦଳିବା ଦରକାର। ଦେଶ ଏବଂ ରାଜ୍ୟରେ ଭାଜପା ସରକାର ଭଳି ଡବଲ ଇଞ୍ଜିନର ବ୍ୟବସ୍ଥା ଦରକାର ବୋଲି ଶାହ କହିଛନ୍ତି। କଂଗ୍ରେସ ସମଝୋତା ଏକ୍ସପ୍ରେସକୁ ନେଇ ଯେଉଁ ରାଜନୀତି କରୁଥିଲା ତାହାର ସତ୍ୟ ଦେଶର ଜନତା ଜାଣି ସାରିଲେଣି। ରାହୁଲ ଗାନ୍ଧୀ ହିନ୍ଦୁଙ୍କୁ ଆତଙ୍କବାଦୀ କହୁଛନ୍ତି। ଦେଶର ସୁରକ୍ଷା ସହ କଂଗ୍ରେସ ସାଲିସ କରିଛି। ପୁଲୱାମାକୁ ନେଇ ଭାରତ ପାକିସ୍ତାନରେ ଆକ୍ରମଣ କଲା। କିନ୍ତୁ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ପାକିସ୍ତାନ ସହ କଥା ମିଳାଇ ସେନାକୁ ପ୍ରମାଣ ମାଗୁଛନ୍ତି। ଆତଙ୍କବାଦୀ ଗୁଳି ଚଳାଇଲେ ଆମେ ବୋମାମାଡ଼ କରି ଏହାର ଜବାବ ଦେବୁ ବୋଲି ଶାହ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆ ଭାରତ ଓ ନୂଆ ଓଡ଼ିଶା ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଜେଡିର ଅତ୍ୟାଚାର, ଭ୍ରଷ୍ଟାଚାର, ଯୁବକ, ମହିଳା, ଆଦିବାସୀ, ଦଳିତ, ପଛୁଆ ବିରୋଧୀ ଶାସନ ଚାଲିଛି। ତାହାକୁ ପରିବର୍ତ୍ତନ କରିବାକୁ ହେବ। ନବରଙ୍ଗପୁରରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯିବା ସହ ନୂତନ ମକା ନୀତି କରାଯାଇ ମକାରୁ ପେଟ୍ରୋଲ ଓ ଡିଜେଲ ଇନ୍ଧନ କାରଖାନା କରାଯିବ ବୋଲି ପ୍ରଧାନ କହିଥିଲେ। ଭାଜପାର ନବରଙ୍ଗପୁର ଲୋକ ସଭା ପ୍ରାର୍ଥୀ ବଳଭଦ୍ର ମାଝି ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଚନ୍ଦାହାଣ୍ଡି ଓ ନନ୍ଦାହାଣ୍ଡି ବ୍ଲକରେ ଜଳସେଚନ ପାଇଁ ଡିସେମ୍ବରରେ ୩ ଶହ କୋଟି ଟଙ୍କାର ଟେଣ୍ଡର ହୋଇଥିଲା। କିନ୍ତୁ ଟେଣ୍ଡର ବାତିଲ କରାଯାଇ ତାହା ଅନ୍ୟ ଜିଲାକୁ ଚାଲିଯାଇଛି। ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କ ଜିଲାରେ ଏଭଳି କରାଯାଇଥିବାରୁ ସମାଲୋଚନା କରିଥିଲେ। ଜୟପୁର-ନବରଙ୍ଗପୁର ଓ ଜୟପୁର-ମାଲକାନଗିରି ରେଳ ଲାଇନ ପାଇଁ ମୋଦି ସରକାର ଅର୍ଥ ମଞ୍ଜୁର କରିଛନ୍ତି। ଜିଲାରେ କେନ୍ଦ୍ର ସରକାରଙ୍କ ବହୁ ଜନହିତକର ଯୋଜନା କାର୍ଯ୍ୟକାରୀ ହୋଇଥିବା ବଳଭଦ୍ର କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ପ୍ରାର୍ଥୀ ଗୌରୀଶଙ୍କର ମାଝି, ଉମରକୋଟ ପ୍ରାର୍ଥୀ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ପ୍ରାର୍ଥୀ ପର୍ଶୁରାମ ମାଝି, ଡାବୁଗାଁ ପ୍ରାର୍ଥୀ ପଦ୍ମନ ନାୟକ, ଜିଲା ସଭାପତି ଗୋବିନ୍ଦ ଜୈନ, ରମେଶ ସାହୁ, କୁଞ୍ଜବିହାରୀ ଦାଶ, ସ୍ନିଗ୍ଧା ମହାପାତ୍ର, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରବୀଣା କଲାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନୋରମା ନାୟକ ମଞ୍ଚାସୀନ ଥିଲେ।

### ପ୍ରତିରକ୍ଷା ସାଟେଲାଇଟ୍...

ଅବସ୍ଥାନ କରାଯିବା ପରେ ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍‌ଙ୍କ ସମେତ ଅନ୍ୟ ବୈଜ୍ଞାନିକମାନେ ଖୁସିରେ ବିଭୋର ହୋଇଯାଇଥିଲେ। ଏମିସାଟ୍‌ର ସଫଳ ଉତ୍କ୍ଷେପଣ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଇସ୍ରୋ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## classified



**SALE**

Eicher Tractor- 380, 333, Indica Vista, Mahindra Alfa Dala Auto, Bolero. 9437619903. D-66315



**SALE**

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-11895

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC Collegeଠାରେ 1200କୁ 3,00,000/- (out-right). 9776934361, 8144706560. D-66317

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

Bhubaneswar AIIMS front Govt. roadକୁଲାଗି gharabari yellowzone plot ବିକ୍ରିହେବ: 9439206202. D-66308

Conversion Demarcation Plot Sale ବ୍ରାହ୍ମଣଝରିଲୋ ନଖରାରୁ ୬ କିଲୋମିଟର ୧୨୦୦ ବର୍ଗଫୁଟକୁ 6,60,000/- 9861281504. D-66320

**Residential plot sale at Bhubaneswar Dadhichi College @ 4,50,000/- Nakhara DPS- 15,00,000/-, Satyabhamapur (Ranga bazar) 12,50,000/-, Jharapada- 31,00,000/-, Balianta- 9,00,000/-, Pahala- 19,50,000/-. Contact Sujata: 06371082405.** D-66314

ଭୁବନେଶ୍ୱର ପାହାଳରେ Bank financeଥାଇ plot sqft.- 780/-ରେ ଘର କରନ୍ତୁ। 8280032048. D-66316



Newly ayurvedic full body massage full ladies, gents home service. 8117833107. D-38552



ଘରେରହି Distance course କରିପାରିବେ। BAMS, BHMS, BUMS, D.Pharma, Nursing, B.Tech, MBA, MCA, B.Ed, D.Ed, M.Ed, BA, B.Com, B.Sc, MA. Call: 9893869473. D-66061

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ୧୨ତମ ଜନ୍ମଦିନ ଶୁଭେଚ୍ଛା



**ଶରନ୍ୟା ପାଢୀ**
**ନାଭିମୁମ୍ବାଇ**

ଜନ୍ମଦିନ ଅବସରରେ ପ୍ରଭୁ ତୁମ ଚଲାପଥ କୁସୁମିତ କରନ୍ତୁ ଏବଂ ତୁମକୁ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ବାପା, ମା, ଅଜା, ଜେଜେବାପା, ଜେଜେମା, କାକା, କାକୀ ,ନାନା, ସିଦ୍ଧି, ଆପି
ଧ-୬୬୩୧୯

### ପ୍ରଥମ ଜନ୍ମ ବାର୍ଷିକୀ ଶୁଭେଚ୍ଛା



(ଆଦି)
**ବିଭନ ଆଦିତ୍ୟ ବେହେରା**

ଆଜିର ଶୁଭ ଦିନରେ ଆମେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ କି ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ : ବେହେରା ପରିବାର
କେନାଲ ରୋଡ୍,
ନିଗମାନନ୍ଦ ନଗର, ଭୁବନେଶ୍ୱର
ଧ-୧୧୮୯୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

### ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ସବିତା ଜେନାମଣି**
ଗୋବିନ୍ଦପ୍ରସାଦ, ଢେଙ୍କାନାଳ
ଆବିର୍ଭାବ: ୧୨।୦୨।୧୯୬୨
ତିରୋଧାନ: ୨୩।୩।୨୦୧୯

ଜୀବନସାରା ଖାଲି ଦୁଃଖ ଆଉ ଯନ୍ତ୍ରଣା। ତାରି ଭିତରେ ତୋର ସାଲିସ ବିହୀନ ମାନସିକତା ପରିବାରକୁ ମଜଭୁତ କରିଥିଲା। ତୋର ଶୂନ୍ୟତା ଚିରକାଳ ଅପୂରଣୀୟ। ପ୍ରଭୁଙ୍କ ପାଖରେ ବିନମ୍ର ପ୍ରାର୍ଥନା ତୋର ଆତ୍ମାର ସଦ୍‌ଗତି ହେଉ। ଶୋକସନ୍ତପ୍ତ: ଭାଇ, ଭାଉଜ, ପୁଅ ଓ ବୋହୂମାନେ ଏବଂ ପରିବାରବର୍ଗ।
ଧ-୬୨୦୯୦

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଅ, ଗଞ୍ଜାମ

**ମେଷ** ଆଗାମୀ କାଲିର ମାଙ୍ଗଳିକ କାମ ପାଇଁ ଉତ୍ସାହ ସାଙ୍ଗକୁ ପାରିବାରିକ ଜୀବନ ସୁନ୍ଦର ଓ ସୁମଧୁର ହୋଇଉଠିବ। ବନ୍ଧୁମାନଙ୍କ ଦ୍ୱାରା ଉତ୍ସାହିତ ହୋଇ ଆନୁଷ୍ଠାନିକ କ୍ଷେତ୍ରରୁ ସମ୍ମାନ ଓ ସଦିଚ୍ଛା ଲାଭ କରିବେ। କର୍ମକ୍ଷେତ୍ରରେ ରହିଯାଇଥିବା କାମକୁ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ସୁଧୁରିଯିବ।

**ବୃଷ** ଗତକାଲିଠାରୁ ଅଟକି ରହିଥିବା କାମଗୁଡ଼ିକ ସମ୍ପନ୍ନ କରିବା ସକାଶେ ବ୍ୟସ୍ତତା ବୃଦ୍ଧିପାଇବ। ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ଭିନ୍ନ ପ୍ରକାର ମନ୍ତବ୍ୟ ଦେଇପାରନ୍ତି। ସବୁଥିରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ।

**ମିଥୁନ** କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ଅନ୍ୟମାନଙ୍କ ଫୁସୁଲା ଫୁସୁଲି କଥାରେ ଭାସିଯାଇ କାମ କଲେ ଅନୁତାପ କରିବାକୁ ପଡ଼ିପାରେ। ଅଧିକାଂଶ କ୍ଷେତ୍ରରେ କେବଳ ବେଠି ଖଟିବା ହିଁ ସାରହେବ। ବ୍ୟବସାୟ କ୍ଷେତ୍ରରେ ଆଶାଜନକ ଫଳ ପାଇବେ କିନ୍ତୁ ଋଣ ପରିଶୋଧ କରିବାରେ ବିଫଳ ହେବେ। ଅର୍ଥ ସଙ୍କଟର ସମାଧାନ ପାଇଁ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କର୍କଟ** ଆପଣଙ୍କ ସରଳତାର ସୁଯୋଗ ନେଇ ନିଜ ଲୋକ କେହି ହଇରାଣରେ ପକାଇପାରନ୍ତି। କର୍ମକ୍ଷେତ୍ରରେ ନିଜ ପାରୁପର୍ଯ୍ୟନ୍ତ ଚେଷ୍ଟା କରି କାମ କଲେ ମଧ ପ୍ରଶଂସାସୂଚକ ପଦୁଟିଏ କଥା ଶୁଣିବାକୁ ମିଳିବ ନାହିଁ। ସମସ୍ତ ଚେଷ୍ଟା କଲେ ମଧ ବ୍ୟବସାୟ, ପରିବହନରେ ଅଭିଯୋଗ ଆସିପାରେ । ଘରୋଇ କଥାରେ କିଛି ମତପାର୍ଥକ୍ୟର ସୂଚନା ରହିଛି।

**ସିଂହ** ଆଜି ଯେଉଁ କାମରେ ହାତ ଦେବେ ସେଥିରେ ଅବଶ୍ୟ ସଫଳତା ପାଇବେ। କିନ୍ତୁ ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ଯାତ୍ରା ଓ ବିବାଦୀୟ କ୍ଷେତ୍ର ଆପଣଙ୍କ ପାଇଁ ପ୍ରତିକୂଳ ଫଳ ପ୍ରଦାନ କରିବ। ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଅଶାନ୍ତ ମନ ଦିନ ଗୋଟାଏ ପରେ ଶାନ୍ତ ହୋଇଯିବ।

**କନ୍ୟା** ଆଜି କୌଣସି ସ୍ୱର୍ଣ୍ଣକାତର କଥାର ସମାଧାନ ଲାଗି ଟେନ୍‌ସନ ଲାଗି ରହିପାରେ। ଆକସ୍ମିକ ଭାବେ ବନ୍ଧୁଙ୍କ ଗୃହକୁ ଯିବା ସକାଶେ ସଜବାଜ ହୋଇପାରନ୍ତି। ଶତ୍ରୁମାନେ ଆଗରେ ନ ହେଲେ ମଧ ପଛରେ ନାନାଦି କଥା କହିବାର ଶୁଣିବାକୁ ପାଇବେ। ରୋଗିଣା ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି, ମାନସିକ ଶାନ୍ତି ଓ ଆତ୍ମବଳ ବୃଦ୍ଧିରେ ସହାୟକ ହୋଇପାରିବ।

**ତୁଳା** ପ୍ରତ୍ୟୁଷ ଯାତ୍ରାରେ ଯେତେ ଆଶା ଓ ଆଗ୍ରହ ନେଇ ବନ୍ଧୁଙ୍କ କାମରେ ବାହାରିବେ ଫେରିବା ସମୟକୁ ପୂର୍ବର ସେହି ସରାଗ ବହୁମାତ୍ରାରେ ମଉଳି ଯାଇଥିବାର ସୂଚନା ରହିଛି। ଧନହାନି, ମତାନ୍ତର ଓ ଇଚ୍ଛା ବହିର୍ଭୂତ କାମ କରିବା ପାଇଁ ବାଧହୋଇ ମନସ୍ତାପ କରିବାକୁ ପଡ଼ିପାରେ। ବ୍ୟବସାୟ, ପରିବହନ, ଲେଖାପଢ଼ା ଦିଗରେ ସାମୟିକ ଆନନ୍ଦ ପାଇପାରନ୍ତି।

**ବିଛା** ନୂତନ କାମର ଯୋଜନା ସାଙ୍ଗକୁ ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗ କାର୍ଯ୍ୟ ହାସଲ ସକାଶେ ଅନୁକୂଳ ସ୍ଥିତି ଉତ୍ପନ୍ନ କରିବ। ମାନ ଅଭିମାନ ପ୍ରକାଶପୂର୍ବକ ନିକଟ ସମ୍ପର୍କୀୟମାନେ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରିବା ଫଳରେ ମନରେ ଭାବାନ୍ତର ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟ, ନିର୍ମାଣ, ମାଲିମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତିରେ ଜୟଯୁକ୍ତ ହେବେ।

**ଧନୁ** ଆଜିର କର୍ମକ୍ଷେତ୍ରରୁ ଅର୍ଥଲାଭ ସାଙ୍ଗକୁ ବନ୍ଧୁମାନଙ୍କ ବଦାନ୍ୟତାରୁ ସମ୍ମାନ ପାଇବାର ଆଶା ରହିଛି। ଭାଙ୍ଗି ପଡ଼ିଥିବା ସମ୍ପର୍କକୁ ପୁଣି ଯୋଡ଼ିବା ସକାଶେ ଚେଷ୍ଟା କଲେ ମଧ କିଛି ଲାଭ ମିଳି ନ ପାରେ। ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଆବଶ୍ୟକ ପଡ଼ିପାରେ।

**ମକର** ବନ୍ଧୁଙ୍କ ପରାମର୍ଶରେ ନୂଆ ନୂଆ ଯୋଜନା କରିବା ସକାଶେ ପଦକ୍ଷେପ ନେଇପାରନ୍ତି। କର୍ମକ୍ଷେତ୍ରରେ ଆପଣଙ୍କ କୃତି ଓ କୃତିତ୍ୱକୁ ନେଇ ପ୍ରଶଂସା ଏବଂ ପ୍ରୋତ୍ସାହନ ଲାଭପୂର୍ବକ ନିଜର ଭାବାବେଗକୁ ରୋକି ନ ପାରନ୍ତି। ରାଜନୈତିକ, ସାମାଜିକ, ସାଙ୍ଗଠନିକ ଅଥବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରେଇବା ସକାଶେ ବହୁତ ତକ୍‌ଲିଫ ସହିବାକୁ ପଡ଼ିପାରେ।

**କୁମ୍ଭ** ଆଜି ପ୍ରତ୍ୟେକ କ୍ଷେତ୍ରରେ ସଂଯମ ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଗତକାଲିର କୌଣସି ଘଟଣାକୁ ସମାଧାନ କରିବା ଲାଗି ମନଟା ଭାରାକ୍ରାନ୍ତ ରହିପାରେ। ପରିସ୍ଥିତିରେ ପଡ଼ି ସବୁକାମ ନିରୁତ୍ସାହିତ ଭାବେ କରିବାକୁ ବାଧ ହୋଇପାରନ୍ତି। ନିର୍ମାଣାଦି କାମରେ, କର୍ମକ୍ଷେତ୍ରରେ ଅଥବା ମାଙ୍ଗଳିକ କାମରେ ସମ୍ମାନନୀୟ ବ୍ୟକ୍ତିଙ୍କ ସହାୟତା ଅବଶ୍ୟ ପ୍ରାପ୍ତ ହେବ।

**ମୀନ** ଅଭାବ ନ ଥିଲେ ମଧ ବର୍ତ୍ତମାନର ଆବଶ୍ୟକତାନୁସାରେ ଆର୍ଥିକ ଅନଟନ ଓ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଯେତେପ୍ରକାର ଭାବିଚିନ୍ତି କାମ କଲେ ମଧ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିବା ସୂଚନା ରହିଛି। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ମଧ୍ୟାହ୍ନରେ ଉଚ୍ଚବାଚ ଘଟିପାରେ। ଫଳରେ ଅପ୍ରୀତିକର ପରିସ୍ଥିତିର ସମ୍ଭାବନା ରହିଛି।

ଆଜି ଚୈତ୍ର କୃଷ୍ଣ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ମଙ୍ଗଳବାର, ଚୈତ୍ର ମଙ୍ଗଳବାର ଓଷା ଦ୍ୱିତୀୟ ପାଳି, ଏପ୍ରିଲ ୨ ତାରିଖ, ଅନ୍ତର୍ଜାତୀୟ ଶିଶୁପୁସ୍ତକ ଦିବସ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ମକର ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୨୫ମି. ମଧ୍ୟେ ଘ୧୧।୨୫ମି. ଗତେ, ଘ୨।୫୫ମି. ମଧ୍ୟେ ଘ୪।୨୬ମି. ଗତେ, ଘ୫।୫୮ମି. ମଧ୍ୟେ ଅମୃତବେଳା। ଦିବା ଘ୮।୫୫ମି. ଗତେ ଘ୧।୨୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨।୫୪ମି. ଗତେ ଘ୪।୨୬ମି. ମଧ୍ୟେ ରାହୁକାଳ।


ଉମରକୋଟଠାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଉପସ୍ଥିତ କର୍ମୀ ଓ ଜନସାଧାରଣ ।

# ଭାଜପାରେ ମିଶିଲେ ବିଭିନ୍ନ ଦଳର କର୍ମକର୍ତ୍ତା

ଉମରକୋଟ,୧୪(ଡି.ଏନ.ଏ)

ନବରଙ୍ଗପୁର ଜିଲା ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଭାଜପାର ସଂକଳ୍ପ ସମାବେଶରେ ସୋମବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଯୋଗ ଦେଇଥିଲେ । ଏହି ସଭାରେ ବିଭିନ୍ନ ଦଳ ଛାଡି କେତେ ଜଣ ନେତା ଓ କର୍ମୀ ଭାଜପାରେ ସାମିଲ ହୋଇଥିଲେ । ଏଥିରେ ରାମ ନାୟକ, ପେଣ୍ଡ୍ରା ପ୍ରସାଦ ଡାକୁଆ, ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ କାଳୁପଣ୍ଡା, ପୂର୍ବତନ କାଉନସିଲର ହେମନ୍ତ କୁମାର ଜେନା, ପୂର୍ବତନ ବ୍ଲକ ଚେୟାରମ୍ୟାନ ପି. ରାବଣା ରାଓ, କୁରୁମା ରାଓ, ରାମକୃଷ୍ଣ ଦଣ୍ଡସେନା, ଦେଶିଆ ନାଟକର ବ୍ଲକ ସଭାପତି ସୀମା ନାହାକ, ଜିଲା ସଭାପତି ପେଣ୍ଡ୍ରା ପ୍ରସାଦ ନାୟକ, ଶଙ୍କର ଭବାନୀ ପଟ୍ଟନାୟକ, ବିଜ୍ଞାପିତ ଅଞ୍ଚଳର ପରିଷଦର ଉପାଧ୍ୟକ୍ଷା ଗୌରୀ ମାଝି ଭାଜପାରେ ଯୋଗ ଦେଇଥିଲେ । ଦଳୀୟ ଉପଢୌକନ ଦେଇ ସେମାନଙ୍କୁ ସ୍ୱାଗତ କରାଯାଇଥିଲା ।

## ଅମିତ ଶାହଙ୍କ ଗସ୍ତର ଏପାଖ ସେପାଖ

### ଦେଢଘଣ୍ଟା ବିଳମ୍ବରେ ସଭା ଆରମ୍ଭ

ଉମରକୋଟ ନିର୍ବାଚନୀ ପ୍ରଚାରରେ ଆସିଥିବା ଭାଜପା କେନ୍ଦ୍ରୀୟ ଅଧ୍ୟକ୍ଷ ଅମିତ ଶାହ ନିର୍ଦ୍ଧାରିତ ସମୟର ଦେଢ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ । ସକାଳ ୧୦ଟାରୁ ଜନସାଧାରଣ କର୍ମୀ କର୍ମକର୍ତ୍ତା ବିଜୁପଟ୍ଟନାୟକ ପଡିଆରେ ମୁଣ୍ଡ ପଟା ଖରାରେ ଅପେକ୍ଷାରେ ରହିଥିଲେ । ପରେ ଫେରିଯାଉଥିଲେ । ଠିକ ୩ଟାରେ ହେଲିକେପ୍ଟର ଅବତରଣ କରିବାରୁ ତିନୋଟି ଫାଟକ ଦେଇ ଲୋକ ମାନେ ଆସିଥିଲେ । ପଡିଆ ଭରପୁର ହୋଇ ଯାଇଥିଲା ।

### ସଭାସ୍ଥଳକୁ ପାଣି ବୋତଲ ମନା

ପଲିଥିନ ଓ ପାଉଚ ପାଣିକୁ ସରକାର ପିଇବା ପାଇଁ ବେଆଇନ କରୁଥିବା ବେଳେ ପଡିଆ ଭିତରରେ ପୋଲିସ ସମେତ ଜନସାଧାଣର ପାଇଁ ପାଉଚ ପାଣି ବ୍ୟବସ୍ଥା କରାଯାଇଥିଲା । ସାଢେ ୧ଟା ବେଳକୁ ପଡିଆରେ ପିଇବାକୁ ପାଣି ମିଳିନଥିଲା । ପାଣି ବୋତଲ ପଡିଆ ଭିତରକୁ ନେବାକୁ ବାରଣ କରାଯାଇଥିଲା । ଏନେଇ ଲୋକ ପାଣି ସମସ୍ୟା ଭୋଗିଥିଲେ।

### ଛାଇ ପାଇଁ ଡହଳ ବିକଳ

ସୋମବାର ଥିଲା ଟାଣ ଖରା । ଭାଜପାର ଏହି ସମାବେଶ ଓ ପ୍ରଚାର ସଭା ପାଇଁ ଟେଣ୍ଟ ବ୍ୟବସ୍ଥା କରାଯାଇଥିଲା । ଭୋର ୫ଟା ବେଳକୁ ଝଡ ପବନ ବର୍ଷା ଲାଗି ଟେଣ୍ଟ ଗୁଡିକ ଉପୁଡି ଯାଇଥିଲା । ଲୋକ ମାନଙ୍କ ପାଇଁ ଚେୟାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଖରା ଶରୀରକୁ ଅସ୍ତବ୍ୟସ୍ତ କରିଥିଲା । ଷ୍ଟାଡିୟମର ପାଚେରିକୁ ଲାଗି କିଛି ଗଛ ରହିଛି । ଟିକିଏ ଛାଇ ପାଇଁ ଲୋକ ମାନେ ଗଛ ମୂଳକୁ ଗଲେ ପୋଲିସ ଲୋକ ମାନଙ୍କୁ ଚେୟାରରେ ବସିବାକୁ ବାଧ କରୁଥିଲେ । ଏନେଇ ଲୋକ ମାନେ ମଧ ଦିନ ୧୦ରୁ କାର୍ଯ୍ୟକ୍ରମ ଶେଷ ୫ଟା ୨୦ ପର୍ଯ୍ୟନ୍ତ ଚେୟାରରେ ଓ ଷ୍ଟାଡିୟମ ବାହାରକୁ ଯାଇ ବସିଥିଲେ ।

### ସୁରକ୍ଷା ବ୍ୟବସ୍ଥା

ଡିଆଇଜି ହିମାଂଶୁ ଲାଲଙ୍କ ତତ୍ତ୍ୱାବଧାନରେ ନବରଙ୍ଗପୁର ଏସପି ନିତିନ ଦୁଗୁଡ୍ଡୁ, ଅତିରିକ୍ତ ଏସପି ଶାନ୍ତନୁ ମହାନ୍ତି, ସି.ଏଚ. ହୃଦାନନ୍ଦ, ଜୟପୁର ଏସଡିପିଓ ସାଗରିକା ନାଥ ସମେତ ବ୍ୟାପକ ପୋଲିସ ଫୋର୍ସ ସୁରକ୍ଷା ଦୃଷ୍ଟିରୁ ମୁତୟନ ହୋଇଥିଲେ ।


ବିଜେଡି ବିଧାୟକ ପ୍ରାର୍ଥୀ ମନୋହର ରନ୍ଧାରୀ ନିର୍ବାଚନ ପ୍ରଚାର କରୁଛନ୍ତି ।

# ଚଚରାଗୁଡାରେ ବିଜେଡିର ନିର୍ବାଚନୀ ପ୍ରଚାର

ଡାବୁଗାଁ, ୧୪ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଚଚରାଗୁଡା ଓ ପାତିଆ ଗ୍ରାମରେ ଡାବୁଗାଁରେ ବିଜେଡିର ନିର୍ବାଚନ ପ୍ରଚାର ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚଳିତ ନିର୍ବାଚନରେ ଡାବୁଗାଁ ର୍ନିବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ମନୋହର ରନ୍ଧାରି ଯୋଗ ଦେଇ ଭୋଟ ଦେବା ପାଇଁ ଜନସାଧାରଣ ଙ୍କୁ ନିବେଦନ କରିଥିଲେ । ଏଥିରେ ଡାବୁଗାଁ ବ୍ଲକ ପର୍ଯ୍ୟବେକ୍ଷକ ଅଶୋକ କୁମାର ମୂର୍ତ୍ତୀ, ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର , ଏମ. ଆପ୍ପା ରାଓ , ଓ ବହୁ ବିଜେଡି କର୍ମୀ, ୨ ଗ୍ରାମର ଗ୍ରାମବାସୀମାନେ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ପଡିଆ ବ୍ଲକ ବିଜେଡି ସଭାପତିଙ୍କ ଇସ୍ତଫା



ପଡିଆ,୧୪ (ଡି.ଏନ.ଏ.)- ମାଲକାନଗିରି ଜିଲା ପଡିଆ ବ୍ଲକ ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ପଡିଆ ସରପଞ୍ଚ ଗଙ୍ଗା କାରାମ୍ ସୋମବାର ବିଜେଡି ବ୍ଲକ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ଜିଲ୍ଲା ସଭାପତିଙ୍କୁ ପ୍ରଦାନ କରିଛନ୍ତି। କାରାମ୍ ତାଙ୍କ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି ଯେ,ଗତ କିଛି ମାସ ଧରି ତାଙ୍କୁ ଦଳରେ ଅଣଦେଖା କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଓ ଦାୟିତ୍ୱରୁ ଦୂରେଇ ରଖାଯାଇଛି । ଏନେଇ ସେ ବାରମ୍ବାର ଦଳୀୟ ପର୍ଯ୍ୟବେକ୍ଷକ ଓ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମଳିଲା ନାହିଁ। ଏହି କାରଣରୁ ସେ ଦଳର ସଭାପତି ପଦ ସହ ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି ବୋଲି କହିଛନ୍ତି।

### ୭ ସିଆରସିସି ନିଜ ବିଦ୍ୟାଳୟକୁ ଫେରିଲେ

ଗୋବିନ୍ଦପାଲ୍ଲୀ,୧୪(ଡି.ଏନ୍.ଏ.)- ଖଇରପୁଟ ବ୍ଲକର ୭ ଜଣ ସିଆରସିସିଙ୍କୁ ନିଜ ବିଦ୍ୟାଳୟକୁ ଫେରି ଶିକ୍ଷାଦାନ କରିବାକୁ ଗୋଷ୍ଠୀ ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ୭ ଜଣ ସିଆରସିସି ଭାବେ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରୁଥିଲେ । ବିଭାଗୀୟ ନିୟମ ଅନୁଯାୟୀ ଜଣେ ସିଆରସିସି ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟାଳୟ ଛାଡି ସିଆରସିସି ଭାବେ ରହି ପାରିବେ ନାହିଁ । ଏହି ପଦବୀଗୁଡିକ ନୂତନ ସିଆରସିସିଙ୍କ ଦ୍ୱାରା ପୂରଣ ହେବା ପର୍ଯ୍ୟନ୍ତ ଏହି ୭ ସିଆରସିସି ନିଜ ବିଦ୍ୟାଳୟରେ କାମ କରିବା ସହ ସିଆରସିସି ରୂପେ କାର୍ଯ୍ୟ କରିପାରିବେ। ବିଦ୍ୟାଳୟକୁ ଫେରିଥିବା ସିଆରସିସିମାନେ ହେଲେ ରଘୁନାଥ ହନ୍ତାଳ, ନୀଳମାଧବ ପତି, ଚିତ୍ତ ଦାସ, ମୋହନ ମହାପାତ୍ର, ଭଗବାନ ଶିସା, ସୁରେଶ ଚନ୍ଦ୍ର ଖରା ଓ ଦୈତାରି ଗୌଡ଼।

# ଓଡ଼ିଶା ଦିବସ ପାଳିତ


କୃତୀ ଛାତ୍ରୀମାନଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ ।

ଡାବୁଗାଁ,୧୪(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜିଲା ଅନୁସୂଚିତ ଜନଜାତି ଓ ଜାତି ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡିଶା ଦିବସ ସୋମବାର ପାଳିତ ହୋଇଯାଇଛି । ପ୍ରଥମେ ଓଡିଶାର ମହମନିଷୀମାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ସଭା ଆରମ୍ଭ ହୋଇଥିଲା । ଏଥିରେ ଛାତ୍ରୀମାନଙ୍କ ନେଇ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଓଡିଆ ଭାଷା ସୁରକ୍ଷାରେ ଛାତ୍ରୀମାନଙ୍କର କର୍ତ୍ତବ୍ୟ ପ୍ରସଙ୍ଗ ଉପରେ ୩୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ ଅମିତା ଭତ୍ରା (୧ମ), ବିମଳା ଭତ୍ରା (୨ୟ) ଓ ରେବତୀ ହରିଜନ (୩ୟ) ସ୍ଥାନ ଅଧିକାର କରିଥିଲେ । ଏହି କୃତକାର୍ଯ୍ୟ ଛାତ୍ରୀମାନଙ୍କୁ ପୁରସ୍କୃତ କରଯାଇଥିଲା । ଏଥିରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ଅଧ୍ୟକ୍ଷ ସୁକାନ୍ତ କୁମାର ସ୍ୱାଇଁ ଛାତ୍ରୀମାନଙ୍କୁ ଉତ୍କଳୀୟ ସଂସ୍କୃତି, ସଭ୍ୟତା ଓ ପରମ୍ପରା ବିଷୟରେ ବୁଝାଇଥିବା ବେଳେ ସବୁଜ ଓଡିଶା ଗଠନ ପାଇଁ ବୃକ୍ଷ ରୋପଣ କରିବା ପାଇଁ ଆହ୍ୱାନ ଦେଇଥିଲେ । ଶିକ୍ଷୟିତ୍ରୀ ଆରତୀ ବିଶୋୟୀ ନୂତନ ଓଡିଶା ଗଠନ ସମ୍ବନ୍ଧରେ ନିଜର ଅବିଭାଷଣ ପ୍ରଦାନ କରିଥିଲେ । ଛାତ୍ରୀମାନେ ଦିନଟିକୁ ନୃତ୍ୟ, ସଙ୍ଗୀତ ଓ ନାଟକ ମାଧ୍ୟମରେ ପାଳନ କରିଥିଲେ । ଅଧ୍ୟାପକ ଦୀପ୍ତିରଞ୍ଜନ ବେହେରା ସଭା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ ।

# ତେନ୍ତୁଳିଖୁଣ୍ଟିରେ ୩ ଦଳର ନିର୍ବାଚନ ପ୍ରଚାର

ତେନ୍ତୁଳିଖୁଣ୍ଟି, ୧୪(ଡି.ଏନ.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ସାଧାରଣ ନିର୍ବାଚନ ମାହୋଲ ଜମିବାରେ ଲାଗିଲାଣି । ତେନ୍ତୁଳିଖୁଣ୍ଟି ବ୍ଲକର ଇନ୍ଦ୍ରାବତୀଠାରେ ବିଜେଡି ବାଇକ ରାଲି କରିବା ସହ ପାଇକବାରଙ୍ଗପଦର ହାଟପଡିଆରେ ସାଧାରଣ ସଭା କରିଥିଲା । ଏହି ସଭାରେ ଏମପି ପ୍ରାର୍ଥୀ ରମେଶ ମାଝି, ବିଧାୟକ ପ୍ରାର୍ଥୀ ସଦାଶିବ ପ୍ରଧାନୀ ଏବଂ ଜିଲା ବିଜେଡି ସଭାପତି ପ୍ରହ୍ଲାଦ ତ୍ରିପାଠୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ସହ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ କହିଥିଲେ । ବ୍ଲକ ସଭାପତି ପ୍ରଫୁଲ୍ଲ ନାଗ, କାର୍ଯ୍ୟକାରୀ ବ୍ଲକ ସଭାପତି ବିବେକ ଚୌଧୁରୀ, ସୁଧିର ଖୁରା ସମେତ ବହୁ ନେତା ଓ କର୍ମୀ ସାମିଲ ଥିଲେ । କଂଗ୍ରେସ ଦଳ ତରଫରୁ କର୍ମୀମାନେ ଘରକୁ ଘର ବୁଲି ନିର୍ବାଚନ ପାଇଁ ପ୍ରଚାର କରିଥିଲେ । କଂଗ୍ରେସ କ୍ଷମତାକୁ ଆସିଲେ ପ୍ରତି ବ୍ଲକରେ ଆଇଟିଆଇ ଜିଲା ଭିତ୍ତିକ ନିଯୁକ୍ତି, ଧାନର ସହାୟକ ମୂଲ୍ୟବୃଦ୍ଧି , ଭତ୍ତା ବୃଦ୍ଧି, ଋଣଛାଡ ଆଦି ସମ୍ପର୍କରେ ଲୋକମାନଙ୍କୁ ଜଣାଇ ଭୋଟ ଭିକ୍ଷା କରିଥିଲା । ଭାଜପା ମଧ୍ୟ ପଛରେ ନ ପଡି ମାଇକରେ ଲୋକଗୀତ ମାଧ୍ୟମରେ ତାର ପ୍ରଚାରକୁ ଜୋରଦାର କରିଛି ।

# ଭାବର ଆଦାନ ପ୍ରଦାନ ଯୋଡ଼ିଥାଏ ଧୋଡ୍ରା ମଣ୍ଡେଇ

ଧୋଡ୍ରା,୧୪(ଡି.ଏନ୍.ଏ.)


ମଣ୍ଡେଇରେ ପଡିଥିବା ମୀନା ବଜାର ।

ଚୈତ୍ରମାସର ଶନିବାର ଆରମ୍ଭ ହୁଏ ଧୋଡ୍ରା ମଣ୍ଡେଇ । ଚଳିତବର୍ଷ ଅନୁରୂପ ଭାବେ ଗତ ୩୦ ତାରିଖରେ ଏହାର ଶୁଭାରମ୍ଭ ହୋଇଛି । ମଣ୍ଡେଇର ୩ୟ ଦିନରେ ମଧ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଧୋଡ୍ରା ମଣ୍ଡେଇ ଅବସରରେ ମୀନାବଜାରଠାରୁ ଆରମ୍ଭ କରି ଛୋଟବଡ଼ ବହୁ ଦୋକାନ ପସରା ଖୋଲି ବସିଛନ୍ତି । ଏହି ଯାତ୍ରାରେ ହରିୟାଣା, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ଛତିଶଗଡ ଓ ଝାଡଖଣ୍ଡର ହସ୍ତଶିଳ୍ପୀମାନେ ନିଜର ହସ୍ତକଳାକୁ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା । ଦେବାଦେବୀଙ୍କ ପାରମ୍ପରିକ ସରଞ୍ଜାମ, ହଣ୍ଡା, ମାଠିଆ,ହଳଦୀ ଏବଂ ପଥରରେ ନିର୍ମିତ ସାମଗ୍ରୀ, ଘରକରଣା ସାମଗ୍ରୀ ଆଜିର ପସରା ପଡିଥିଲା । ବିଭିନ୍ନ ସାମଗ୍ରୀ କିଣିବା ସହ ଦେବାଦେବୀଙ୍କ ପ୍ରତୀକ ଲାଠିକୁ ଦର୍ଶନ କରିବା ପାଇଁ ଭକ୍ତମାନେ ଏଠାକୁ ଛୁଟି ଆସିଥାନ୍ତି । ମଣ୍ଡେଇ ଏକାଧାରରେ କିଣାବିକା ସହ ଦୂରଦୂରାନ୍ତରର ବନ୍ଧୁ ବାନ୍ଧବଙ୍କ ସହ ଏକ ମିଳନର ପର୍ବ କହିଲେ ଅତ୍ୟୁକ୍ତି ହେବନାହିଁ । ସମସ୍ତଙ୍କ ଘରେ ବନ୍ଧୁବାନ୍ଧବଙ୍କ ସୁଅ ଛୁଟିଥିବାର ଏହି ଅଞ୍ଚଳରେ ଦେଖିବାକୁ ମିଳିଛି । ରାଜା ରାଜୁଡା ସମୟରୁ ଆରମ୍ଭ ହୋଇଥିବା ଏହି ମଣ୍ଡେଇରେ ଦୂର ସମ୍ପର୍କୀୟମାନଙ୍କୁ ଭେଟିବା ସହ ବାର୍ଷିକ ଆବଶ୍ୟକୀୟ ଘରକରଣା ଜିନିଷ କିଣିବାରେ ସୁଯୋଗ ପାଇଥାନ୍ତି । ଏହି ମଣ୍ଡେଇ ମାଧ୍ୟମରେ ଅନେକଙ୍କ ଭାବର ଆଦାନପ୍ରଦାନ ହୋଇଥିବା କୁହାଯାଏ ।

# ୨ ଛାତ୍ରୀନିବାସ ବନ୍ଦ ନ କରିବାକୁ ଦାବି

ତେନ୍ତୁଳିଖୁଣ୍ଟି,୧୪(ଡି.ଏନ.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ସଦର ମହକୁମାରେ ୨ବର୍ଷ ତଳେ ନିର୍ମାଣ ହୋଇ ଶେଷ ହୋଇଥିବା ଛାତ୍ରୀନିବାସ ବର୍ତ୍ତମାନ ଯାଏ ଖୋଲାଯାଇ ଅନ୍ତେବାସୀ ଗ୍ରହଣ ଆରମ୍ଭ କରାଯାଇନି । ଏପରି ସ୍ଥଳେ ତଫସିଲଭୁକ୍ତ ଜାତି ଓ ଜନଜାତି ଛାତ୍ରୀଙ୍କ ପାଇଁ ଡେଙ୍ଗାଗୁଡା ଓ ଦେଓପାଲିରେ ଥିବା ଛାତ୍ରୀନିବାସ ବନ୍ଦ କରିବା ପାଇଁ ଜିଲା ମଙ୍ଗଳ ଅଧିକାରୀ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ କହିଥିବା ଏବଂ ସେଠରେ ରହୁଥିବା ଅନ୍ତେବାସୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ବନ୍ଦ ହେବାର କାରଣ ଛାତ୍ରୀମାନଙ୍କ ସୁରକ୍ଷା ବୋଲି କୁହାଯାଉଛି । ଏହି ଅଞ୍ଚଳରେ ସହଜରେ ତଫସିଲଭୁକ୍ତ ଜାତି ଓ ଜନଜାତି ଛାତ୍ରୀମାନଙ୍କ ଶିକ୍ଷା ପ୍ରତି ଆଗ୍ରହ କମ । ଏଣୁ ମାଟ୍ରିକ ପାସ ପ୍ରାର୍ଥୀ ଅଙ୍ଗନୱାଡି ଭଳି ପଦବୀ ପାଇଁ ବିଜ୍ଞାପନ ବାହାରିଲେ ମିଳୁନାହାନ୍ତି । ଏପରି କ୍ଷେତ୍ରରେ ଅନ୍ତେବାସୀଙ୍କୁ ପରିତ୍ୟାଗ ପ୍ରମାଣପତ୍ର ଦେଲେ ସେମାନଙ୍କ ପାଇଁ ବିକଳ୍ପ କଣ । କାରଣ ବିଜ୍ରାଗୁଡା, କନ୍ଦ୍ରାଗୁଡା ବ୍ୟତୀତ ପାଖାପାଖି ଅଞ୍ଚଳରେ ଛାତ୍ରୀନିବାସ ନାହିଁ । ଦୁଇଟି ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ କେଉଁଠି ପାଠ ପଢିବେ । ଯଦି ସୁରକ୍ଷା ବିଷୟ ତେବେ ଏପ୍ରିଲରୁ ଜୁନ ମାସ ମଧ୍ୟରେ କଣ ସୁରକ୍ଷା ପାଇଁ ବ୍ୟବସ୍ଥା କରାଯାଇପାରିବ ନାହିଁ । ତେନ୍ତୁଳିଖୁଣ୍ଟିରେ ସୁରକ୍ଷା ବାହାନାରେ ଛାତ୍ରୀନିବାସ ଖୋଲାଯାଇ ନଥିବା ଏବଂ ବର୍ତ୍ତମାନ ଥିବା ଛାତ୍ରୀନିବାସ ବନ୍ଦ କରାଯାଉଥିବା ତଫସିଲଭୁକ୍ତ ଜାତି ଓ ଜନଜାତି ଛାତ୍ରୀଙ୍କ ପାଇଁ ଅନ୍ୟାୟ ବୋଲି ସାଧାରଣରେ ମତପ୍ରକାଶ ପାଉଛି । ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନଙ୍କୁ ପଚାରିବାରୁ ଛାତ୍ରୀନିବାସ ଆଉ ବନ୍ଦ କରାଯିବନି ବିକଳ୍ପ ପାଇଁ ପ୍ରଧାନଶିକ୍ଷକଙ୍କୁ କହିବି ବୋଲି କହିଛନ୍ତି । ଏପ୍ରିଲ ୬ ମଧ୍ୟରେ ଯଦି କିଛି ନିଷ୍ପତ୍ତି ଉପରସ୍ତରରୁ ଲିଖିତ ଭାବେ ନ ଆସେ ତେବେ ସରକାରୀ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବୁ ବୋଲି କହିଛନ୍ତି । ଛାତ୍ରୀନିବାସ ବନ୍ଦ କଲେ ଦେଓପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ରୀନିବାସର ଅନ୍ତେବାସୀ ଓ ଅଭିଭାବକ ଆନ୍ଦୋଳନ କରିବେ ବୋଲି କହିଛନ୍ତି ।

# ଓଡ଼ିଶା ଦିବସ ଅବସରରେ ଗଣଦୌଡ

ତେନ୍ତୁଳିଖୁଣ୍ଟି,୧୪(ଡି.ଏନ.ଏ.)


ଗଣଦୌଡରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀଠାରେ ଇନ୍ଦ୍ରାବତୀ କ୍ରୀଡା ଓ ସାଂସ୍କୃତିକ ପରିଷଦ ତରଫରୁ ଓଡିଶା ଦିବସ ଅବସରରେ ଗଣଦୌଡ ଆୟୋଜନ କରିଛି । ଜବାହର ନବୋଦୟ ବିଦ୍ୟାଳୟ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଷଦର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇଂ ସନ୍ତୋଷ କୁମାର ଗାହାଣ ଯୋଗଦେଇ ଭାଷାଭିତ୍ତିକ ରାଜ୍ୟ ଗଠନରେ ପୁରୋଧା ପୂର୍ବସୂରୀମାନଙ୍କ ଅବଦାନକୁ ରୋମାନ୍ଥନ କରିଥିଲେ । ଉପଦେଷ୍ଟା ରମଣୀରଞ୍ଜନ ତ୍ରିପାଠୀ ଯୋଗ ଦେଇଥିଲେ । ଜବାହର ନବୋଦୟ ଛାତ୍ରୀଛାତ୍ର ଆରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିବାବେଳେ ମୁଖ୍ୟଅତିଥି ସମେତ ସମ୍ମାନୀତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ଆୟୋଜନରେ ପ୍ରଦୀପ କୁମାର ଦାସ, ଉମା ମହେଶ୍ୱର ରାଓ, ଉମାଶଙ୍କର ବେହେରା, ଯୋଗେଶ ଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ବାବୁନି ପରିଚ୍ଛା ପ୍ରମୁଖ ସହଯୋଗ କରିଥିଲେ । ଗଣଦୌଡ ଶେଷରେ ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଚିନ୍ତାମଣି ଦ୍ୱିବେଦୀ କ୍ରୀଡା ପ୍ରତିଯୋଗୀକୁ ପୁରସ୍କୃତ କରିଥିଲେ ।

# ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ

ଉମରକୋଟ,୧୪(ଡି.ଏନ.ଏ)

ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଉଚ୍ଚ ପ୍ରକଳ୍ପ ବିଦ୍ୟାଳୟ ପରିସର ମଧ୍ୟରେ ଓଡିଶା ଦିବସ ପାଳିତ ହୋଇଯାଇଛି । ଏଥିରେ ପ୍ରଧାନଶିକ୍ଷକ ମଦନ ମୋହନ ଭୂୟାଁ ସଭାପତିତ୍ୱ କରିଥିଲେ । ଛାତ୍ରୀଛାତ୍ରମାନେ ଓଡିଶାର ବରପୁତ୍ର କୃଷ୍ଣ ଚନ୍ଦ୍ର ଗଜପତି ଓ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ । ଶିକ୍ଷକ ନରେଶ ପଟ୍ଟନାୟକ , ତ୍ରିପତି ପଟ୍ଟନାୟକ, ଶିକ୍ଷୟିତ୍ରୀ ନମିତା ବିଶ୍ୱାସ ଉତ୍କଳ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ । ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ ।

# କଂଗ୍ରେସର ବାଇକ ରାଲି

ପାପଡାହାଣ୍ଡି, ୧୪ (ଡି.ଏନଏ )–

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ୨୩ ପଞ୍ଚାୟତର ବିଭିନ୍ନ ଗ୍ରାମରେ ସୋମବାର କଂଗ୍ରେସ ଏମପି ପ୍ରାର୍ଥୀ ପ୍ରଦୀପ ମାଝି ନିର୍ବାଚନ ପ୍ରଚାର କରିଥିଲେ । ଏହି ଅବସର କଂଗ୍ରେସ କର୍ମୀ ତରଫରୁ ଏକ ବାଇକ ରାଲିର ଆୟୋଜନ କରାଯାଇଥିଲା । ସ୍ଥାନୀୟ ଶହୀଦ ମିନାର ଠାରୁ ୫୦୦ ରୁ ଊର୍ଦ୍ଧ୍ୱ କର୍ମୀ ବାଇକ ରାଲିରେ ବାହାରି କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ମାଝିଙ୍କ ଲାଗି ପ୍ରଚାର କରିଥିଲେ । ନୀଳକଣ୍ଠେଶ୍ୱର ମନ୍ଦିର ଠାରେ ପ୍ରଦୀପ ପୂଜାର୍ଚ୍ଚନା କରିବା ପରେ ପଣ୍ଡିକୋଟ, ଡୁମ୍ବର୍ଲା, ସେମଲା, ନୂଆକଟ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ପ୍ରଚାର କରିବା ସହ ଭୋଟ ପ୍ରାଥନା କରିଥିଲେ । ନୂଆକଟର ଗର୍ଭରାଇ ଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ସେଠାରୁ ସେ ମଇଦଳପୁର ଦେଇ ବ୍ଲକର ଅନ୍ୟ ପଞ୍ଚାୟତ ଗୁଡିକୁ ପରିକ୍ରମା କରିଥିଲେ । ଗ୍ରାମ ଗୁଡିକରେ ପ୍ରଦୀପଙ୍କୁ ଲୋକେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ରାଲିରେ ରଜନୀକାନ୍ତ ସାସମଲ, ଶଶୀମୋହନ ଶର୍ମା, ଶିବ ପ୍ରସାଦ ଅଗ୍ରୱାଲ, ଶ୍ରୀକାନ୍ତ ମିଶ୍ର, ରବୀନ୍ଦ୍ର ପ୍ରଧାନ,ତୁଳସା ଭତରା, ଦାମୋଦର ପୂଜାରୀ, ଏ ଶ୍ରୀନିବାସ ରାଓ ସହ ବହୁ କର୍ମୀ ଉପସ୍ଥିତ ଥିଲେ ।


କର୍ମୀଙ୍କ ସହ ପ୍ରଦୀପ ମାଝି ନିର୍ବାଚନ ପ୍ରଚାର କରୁଛନ୍ତି।

# ଉତ୍କଳ ଗଠନରେ ଉପାନ୍ତ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

ନବରଙ୍ଗପୁର,୧୪(ଡି.ଏନ.ଏ.)

ନବରଙ୍ଗପୁରର ଅଗ୍ରଣୀ ଅନୁଷ୍ଠାନ ଉତ୍କଳ ପରିଷଦ ପକ୍ଷରୁ ସ୍ଥାନୀୟ ଏକ ଲଜର ବୈଠକ ଗୃହରେ ଉତ୍କଳ (ଓଡିଶା) ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ପରିଷଦର ଉପସଭାପତି ପ୍ରଭାସିନି ମହାନ୍ତି ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଲାଏନ୍ସ କ୍ଲବର ସଭାପତି ତଥା ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ସମ୍ମାନିତ ଅତିଥି ଡଃ. ରଘୁନାଥ ଶତପଥି ଯୋଗ ଦେଇ ଉତ୍କଳ ପରମ୍ପରା ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଶ୍ରୀନାଥ ମିଶ୍ର ଯୋଗ ଦେଇ ଉତ୍କଳ ଗଠନରେ ଉପାନ୍ତ ଅଞ୍ଚଳର ଭୂମିକା ଉପରେ ଆଲୋଚନା କରିଥିଲେ । ପରିଷଦର ସମ୍ପାଦକ ପ୍ରେମଚାନ୍ଦ ପଟ୍ଟନାୟକ ସଂଯୋଜନା କରିଥିଲେ । କୋଷାଧ୍ୟକ୍ଷ ଜଗନ୍ନାଥ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ସାହିତ୍ୟିକ ସ୍ୱର୍ଗତ ଲଳିତ ମୋହନ ପଟ୍ଟନାୟକଙ୍କ ସଦଗତି କାମନାରେ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ ପଟ୍ଟନାୟକଙ୍କୁ ମରଣୋତ୍ତର ଉତ୍କଳ ଧାରା ସମ୍ମାନ ପ୍ରଦାନ କରାଯାଇଥିଲା । ଚଳିତ ବର୍ଷର ୧୦ମ ଉତ୍କଳ ଧାରା ସମ୍ମାନରେ ଉମାପତି ବେହେରାଙ୍କୁ ସମ୍ମାନିତ କରାଯାଇଥିଲା । ଗୋପାଳ କୃଷ୍ଣ ପାଣି ଗ୍ରାହୀ, ସି.ଏଚ. ଉଷାରାଣୀ କବିତା ପାଠ କରିଥିଲେ । ପ୍ରଫୁଲ୍ଲ କୁମାର ପୁହାଣ, ଆଶୁତୋଷ ପାଣିଗ୍ରାହୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡଃ. ରାଧାନାଥ ବେହେରା, ନିଗମାନନ୍ଦ ଆଶ୍ରମର ଅଧ୍ୟକ୍ଷ ତଥା ସାହିତ୍ୟିକ ନାରାୟଣ ବେହେରା, ବିଜୟ କୁମାର ଚୌଧୁରୀ, ବଲ୍ଲଭ ରାଉତ, ଜଗଦିଶ ଚନ୍ଦ୍ର ତ୍ରିପାଠୀ, ରାମ ପ୍ରସାଦ ପାତ୍ର, ଦେବେନ୍ଦ୍ର ପ୍ରଧାନ, ଅଶୋକ କୁମାର ପଟ୍ଟନାୟକ, ରଶ୍ମିତା ପ୍ରଦାନ, ବିଷ୍ଣୁ ପ୍ରିୟା କରସୁଧା ପଟ୍ଟନାୟକ ସମେତ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ସେହିଭଳି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଓଡିଶା ଦିବସ ପାଳିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସହର ସ୍ଥିତ ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପ୍ରାତଃରେ ସହରରେ ଡାକବାଜୀ ଯନ୍ତ୍ର ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ ପ୍ରସାର କରାଯାଇଥିଲା । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଳ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



ସଭାରେ ଉପସ୍ଥିତ ଅତିଥିମାନେ ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଏପ୍ରିଲ ୨/୨୦୧୯ Rayagada, Tuesday, April. 2 / 2019

## ସଂକ୍ଷେପରେ

### ଓଡିଶା ପୋଲିସର ପ୍ରତିଷ୍ଠା ଦିବସ ପାଳିତ



ମାଲକାନଗିରି, ୧୪(ଡି.ଏନ.ଏ.): ମାଲକାନଗିରି ସଦର ପୋଲିସ କାର୍ଯ୍ୟାଳୟ ପରିସରରେ ୮୪ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏସ.ପି. ଜଗମୋହନ ମିନା ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ । ପରେ ଏସ.ପି. ମାଲକାନଗିରି ଜିଲାରେ ପୋଲିସ ବାହିନୀର ସଫଳତା ଓ ମାଓବାଦୀ ଦମନ କ୍ଷେତ୍ରରେ ସେମାନଙ୍କ ଭୂମିକା ନେଇ ଆଲୋକପାତ କରିଥିଲେ। ମାଲକାନଗିରି ସାଧାରଣ ଜନତା ଏବେ ନିର୍ଭୟରେ ଜୀବନଯାପନ କରିପାରୁଛନ୍ତି ଏହା ପୋଲିସ ବିଭାଗ ପାଇଁ ଗୌରବର ବିଷୟ ବୋଲି ସେ କହିଥିଲେ । ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ପୋଲିସ ଅଧିକାରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉଦ୍ଧବ ନାୟକ,ଏସଡିପିଓ ହୃଷିକେଶ ବି. ଖିଲାରିଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ସୀମାନ୍ତରେ ଭାଜପା ପ୍ରାର୍ଥୀଙ୍କ ଭୋଟ ପ୍ରଚାର



ପଦ୍ମଗିରି, ୧୪:ମାଲକାନଗିରି ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଆଦିତ୍ୟ ମାଢ଼ି ସୋମବାର ମାଲକାନଗିରି ଜିଲା ଛତିଶଗଡ ସୀମାନ୍ତ ପଦ୍ମଗିରି ଅଞ୍ଚଳର ଆଭ୍ୟନ୍ତରିଣ ଟଙ୍ଗପାଲ, ନୂଆଗୁଡା, ତଣ୍ଡାପାଲ୍ଲି ଆଦିବାସୀ ଗ୍ରାମଗୁଡିକରେ ନିର୍ବାଚନ ପ୍ରଚାର କରିଛନ୍ତି। ମାଢି ଭାଜପା ଶାସନକୁ ଆସିଲେ ଉଭୟ କେନ୍ଦ୍ର ଓ ରାଜ୍ୟରେ ବିକାଶ ଧାରା ତରାନ୍ୱିତ ହେବ । ଗରିବ ଲୋକମାନେ ଉପକୃତ ହେବେ କହି ଭୋଟ ପ୍ରଚାର କରୁଛନ୍ତି। ଆଦିବାସୀ ପରମ୍ପରା ଅନୁଯାୟୀ ମାଢିଙ୍କୁ ସିନ୍ଦୁର, ଚନ୍ଦନ ଲଗାଇ ମଥାରେ ଚାଉଳ ଦେଇ ମହିଳା ମାନେ ସ୍ୱାଗତ କରିଥିଲେ । ମାଢିଙ୍କ ସହ ଜଳନ୍ଧର ନାୟକ, ସଞ୍ଜୟ ସରକାର, ଅଶୋକ ବୈଦ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଗଞ୍ଜେଇ ସହ ବାଇକ୍ ଜବତ, ଜଣେ ଗିରଫ



ମାଲକାନଗିରି, ୧୪ (ଡି.ଏନ.ଏ.) : ମାଲକାନଗିରି ଜିଲା ଅବକାରୀ ବିଭାଗ ଅଧକ୍ଷ ଅଶୋକ କୁମାର ସେଠ୍‌ଙ୍କ ନିର୍ଦ୍ଦେଶରେ ବାଲିମେଳା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଏଚ. ଜଗା ରାଓ, ଚିତ୍ରକୋଣ୍ଡା ଓ ବାଲିମେଳା ଅବକାରୀ କର୍ମଚାରୀ ଏକ ବାଇକ୍‌ରୁ ଗଞ୍ଜେଇ ଜବତ କରିଛନ୍ତି। ବାଇକ୍ ଚାଳକ ଏରାଗୁମ୍ପୁ ଗ୍ରାମର ମଧୁ ବଡନାୟକ (୩୬)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅବକାରୀ କର୍ମଚାରୀମାନେ ବାଲିମେଳା-ଚିତ୍ରକୋଣ୍ଡା ରାସ୍ତାର ଟଣ୍ଡେଲକ୍ୟାମ୍ପ ନିକଟରେ ଗାଡିମୋଟର ଯାଞ୍ଚ କରୁଥିବା ସମୟରେ ଏକ ବାଇକ୍ (ଓଡି.୩୦- ୩୧୩୬) ଉପରେ ସନ୍ଦେହ ହେବାରୁ ଏହାକୁ ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ବାଇକ୍‌ରେ ଥିବା ଏକ ଏୟାର୍ ବ୍ୟାଗ୍‌ରୁ ଗଞ୍ଜେଇ ବାହାରିଥିଲା। ଜବତ ଗଞ୍ଜେଇର ପରିମାଣ ୧୨ କେଜି ବୋଲି ଜଣାପଡିଛି। ବାଲିମେଳା ଅବକାରୀ ଥାନା କେସ୍ ନମ୍ବର ୮୪/୧୯ରେ ଏକ ମାମଲା ରୁଜୁ ହୋଇଛି।

■ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

# ଓଡିଆ ଭାଷା ପ୍ରତି ଅବହେଳା ନେଇ ଉଦ୍‌ବେଗ



ମାଲକାନଗିରିରେ ଓଡ଼ିଶା ଦିବସ କାର୍ଯ୍ୟକ୍ରରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।



ଚିତ୍ରକୋଣ୍ଡାରେ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ମାଲକାନଗିରି/ଚିତ୍ରକୋଣ୍ଡା/କୋରୁକୋଣ୍ଡା/ବାଲିମେଳା, ୧୪ (ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୮୪ ତମ ଓଡ଼ିଶା ଦିବସ ସୋମବାର ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଜିତ୍ କୁମାର ମହାନ୍ତି , ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଅମରେଶ ପଣ୍ଡା, ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଗୁଣନିଧି ନାୟକ, ଜିଲା ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ସରକାରୀ ଓକିଲ ସୂର୍ଯ୍ୟ ନାରାୟଣ ବ୍ରହ୍ମା, ସିଡିପିଓ ନିଳିମା ମଣ୍ଡଳ, ଶିକ୍ଷାବିତ୍ ଶିବ ପ୍ରସାଦ କିର୍ତ୍ତନୀୟା ଅତିଥି ରୂପେ ଯୋଗ ଦେଇ ଓଡ଼ିଶା ଦିବସର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥିଙ୍କ ସମେତ ଛାତ୍ରୀଛାତ୍ରମାନେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାପାଲ୍ୟ ଅର୍ପଣ କରିଥିଲେ । ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରୀମାନେ ନିଜ ବିଦ୍ୟାଳୟରୁ ଶୋଭାଯାତ୍ରାରେ ଆସି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । । ମାଲକାନଗିରି ବ୍ଲକ ଗୋରାଖୁଣ୍ଟା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ , ଚଲାଣଗୁଡା କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ , ମାଲକାନଗିରି ସଦର ମହକୁମା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଚିତ୍ରକୋଣ୍ଡା ଡିଆଇଇଟି ଶିକ୍ଷା ଅନୁଷ୍ଠାନ ଆନୁକୁଲ୍ୟରେ ୮୪ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉକ୍ତ ଦିବସ ଉପଲକ୍ଷେ ଶିକ୍ଷା ଅନୁଷ୍ଠାନ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ଡିଆଇଇଟି ଭାରପ୍ରାପ୍ତ ଅଧକ୍ଷ ଶୈଳରାଜ ଏମଜି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆୟୋଜିତ ସଭାକୁ ପ୍ରଶିକ୍ଷକ ମାନସ କୁମାର ସାହୁ ଏବଂ ହେମନ୍ତ କୁମାର ଦଳପତି ପରିଚାଳନା କରିଥିଲେ। ସାମ୍ପ୍ରତିକ ସମୟରେ ଓଡ଼ିଆ ଭାଷାକୁ ବିଭିନ୍ନ କ୍ଷେତ୍ରରେ ଅବହେଳା କରାଯାଉଥିବା ନେଇ ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ଚିତ୍ରକୋଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନଆଚାର୍ଯ୍ୟ ପରିତୋଷ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଏବଂ ଡିଏଭି ଗୁରୁକୁଳରେ ଓଡ଼ିଶା ଦିବସ ପାଳିତ ହୋଇ ଯାଇଛି। ଶିକ୍ଷୟିତ୍ରୀ ଶିକ୍ଷକମାନେ ଓଡିଶା ଦିବସର ଇତିହାସ ଏବଂ ଏହାର ମର୍ଯ୍ୟଦା ନେଇ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ।

କୋରୁକୋଣ୍ଡା ଉତ୍କଳ ସାହିତ୍ୟ ସଂସଦ ପକ୍ଷରୁ ନୋଡାଲ ୟୁ.ପି.ସ୍କୁଲରେ ଓଡିଶା ଦିବସ ପାଳନ କରାଯାଇଥିଲା । ଏଥିରେ ସଂସଦର ସଭାପତି ନୀଳମଣି ପ୍ରଧାନ, ବିଡିଓ ଦାସରଥି ସାରବୋ, ଡବ୍ଲ୍ୟୁଇଓ ପ୍ରଶାନ୍ତ କୁମାର ବେହେରା, ଡ. ସୁବ୍ରତ କୁମାର ଜେନା, ଶଶିଭୂଷଣ ମିଶ୍ର, ଜଗନ୍ନାଥ ବେହେରା, କିଶୋର ଚରଣ ମହାନ୍ତି, କବିରାଜ ପ୍ରଧାନ ଓ ନୋଡାଲ ୟୁ.ପି. ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବୀର ସୁରେନ୍ଦ୍ର ସାଏ, ଲକ୍ଷ୍ମଣ ନାୟକ, ମଧୁସୂଦନ ଦାଶ, ଜୟୀ ରାଜଗୁରୁ ପ୍ରମୁଖ ସଂଗ୍ରାମୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଗୋପବନ୍ଧୁ ସାଂସ୍କୃତିକ ପରିଷଦ ଓ ଡ୍ରଗଲାଇନସ୍ଥିତ ଶହୀଦ ଗୋପୀ ପୂଜାରୀ କ୍ଲବ ପକ୍ଷରୁ ପବିତ୍ର ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଗୋପବନ୍ଧୁଙ୍କ ସହ ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ କ୍ଲବର ସମ୍ପାଦକ ବିନୋଦ ବିହାରୀ ବେହେରା ମାଲ୍ୟାର୍ପଣ କରିଥିଲେ। ଶହୀଦ ଗୋପୀ ପୂଜାରୀ କ୍ଲବରେ ମଧ୍ୟ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହ ଅନ୍ୟ ମହାପୁରୁଷଙ୍କ ଫଟୋଚିତ୍ରରେ ସଂଘର କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଓଡିଆ ଜାତି ଏକ ମହତ ଜାତି। ଓଡିଆ ଲେଖ, ଓଡିଆ ପଢ ଓଡ଼ିଶା ପ୍ରଦେଶର ସମ୍ମାନରଖ ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ।



ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଗଣ ଦୌଡ଼କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

### ଜିଲା ପ୍ରଶାସନ ପକ୍ଷରୁ ଗଣଦୌଡ

ମାଲକାନଗିର, ୧୪ (ସ୍ୱ.ପ୍ର)

ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ନିର୍ବାଚନ ସମ୍ପର୍କରେ ଭୋଟରଙ୍କୁ ସଚେତନ କରିବା ପାଇଁ ଏକ ଗଣଦୌଡ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଦର ମହକୁମାସ୍ଥିତ ଷ୍ଟାଡିୟମ୍ ପରିସରରୁ ୫ଶହରୁ ଉର୍ଦ୍ଧ୍ୱ ଯୁବତୀଯୁବକ ଗଣଦୌଡରେ ଅଂଶଗ୍ରହଣ କରିଥିଲେ । ଜିଲାପାଳ ମନୀଶ ଅଗ୍ରୱାଲ ସବୁଜପତାକା ଦେଖାଇ ଗଣଦୌଡର ଶୁଭାରମ୍ଭ କରିଥିଲେ । ପି.ଡି. ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମାନସ ମିଶ୍ର ଉପସ୍ଥିତ ଥିଲେ ।

# କଂଗ୍ରେସ ପ୍ରାର୍ଥୀ ମାଲାମାଢିଙ୍କ ପଡିଆରେ ପ୍ରଚାର

ପଡିଆ, ୧୪(ଡି.ଏନ.ଏ.)

ମାଲକାନଗିରି ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ମାଲା ମାଢି ସୋମବାର ପଡିଆ ସଦର ବ୍ଲକରେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି । ତାଙ୍କ ସହ କଂଗ୍ରେସର ବହୁ କର୍ମକର୍ତ୍ତା ଏବଂ କର୍ମୀମାନେ ସାମିଲ ହୋଇଛନ୍ତି। ବ୍ଲକ ସଦର ମହକୁମାଠାରେ ଅନୁଷ୍ଠିତ ଏକ ସଭାରେ ମାଢି ଉଦ୍‌ବୋଧନ ଦେଇ କହିଥିଲେ ଯେ, କଂଗ୍ରେସ ଦଳ ଅତୀତରେ ମାଲକାନଗିରି ଜିଲାରେ ବହୁ ବିକାଶମୂଳକ କାର୍ଯ୍ୟ କରିଛି। ଗରିବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛି। ବିଜେଡି ସରକାର ଦୀର୍ଘ ୧୯ ବର୍ଷ ହେଲା ଶାସନ କରି ପଡିଆ ବ୍ଲକ ସୀମାନ୍ତ ଆଦିବାସୀ ଗ୍ରାମଗୁଡିକର କୌଣସି ବିକାଶ କରିନାହିଁ। ସାବେରୀ ନଦୀ ଜଳକୁ ବ୍ୟବହାର କରି ଆନ୍ଧ୍ର ସରକାର ପୋଲାଭରମ୍ ପ୍ରକଳ୍ପ କରି ଲାଭବାନ୍ ହେଉଛନ୍ତି, ଅଥଚ ଏହି ବ୍ଲକ ସହ ମାଟେରୁ, ନିଲିଗୁଡା, ମାଟାପାକା, ଶିଖ୍‌ପାଲ୍ଲି, ତଣ୍ଡାପାଲ୍ଲି ପଞ୍ଚାୟତର ହଜାର ହଜାର ଚାଷଜମିକୁ ଜଳ ନାହିଁ। ଫଳରେ ଆଦିବାସୀଙ୍କ ହଜାର ହଜାର ଏକର ଜମି ବର୍ଷବର୍ଷ ଧରି ଚାଷ ନ ହୋଇ ପଡିଆ ରହୁଛି । ନିର୍ବାଚନ ଆସିବାରୁ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ବୃହତ ଜଳସେଚନ ପ୍ରକଳ୍ପ କଥା କୁହାଯାଉଛି ବୋଲି ପ୍ରକାଶ କରି ମାଢି ବିଜେଡି ସରକାରର ସମାଲୋଚନା କରିଥିଲେ। ଏଥିରେ ୪ଶହରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଉପସ୍ଥିତ ଥିଲେ।



କର୍ମୀଙ୍କ ସହ ମାଲା ମାଢ଼ି ପ୍ରଚାର କରୁଛନ୍ତି ।

# ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ମାଲକାନଗିରି, ୧୪ (ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମା ବୁଟିଗୁଡାସ୍ଥିତ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ପ୍ରକୃତିବନ୍ଧୁ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଡଃ ହେନେରିତା ମିଶ୍ର, ସମ୍ମାନିତ ଅତିଥି ରୂପେ ସିଆରସିସି ହରେକୃଷ୍ଣ ବାରିକ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ଲଳିତା ପଣ୍ଡା ଉପସ୍ଥିତ ଥିଲେ । ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ରମାନେ ଏହି ବିଦ୍ୟାଳୟରେ ଅଧ୍ୟୟନ କରି ଶିକ୍ଷା କ୍ଷେତ୍ରରେ ସୁନାମ ଅର୍ଜନ କରଥିବା ନାୟକ ସୂଚନା ଦେଇଥିଲେ। ଏହି ଅବସରରେକୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମମତା ମହଲ, ମୁଲତା ସାମଲ୍, ସୁଜତା ପଣ୍ଡା, ସୀତା ସିଂ, ମଧୁସ୍ମିତା ସିଂ, ନିଳାବତୀ ଆଚାର୍ଯ୍ୟ, ସବିତା ସିଂ, ଅଙ୍ଗୁରୁବେଳା ସାହୁ, ଅନିତା ସିକ୍‌ଦାର, ଦେବରାଜ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ସହକାରୀ ଶିକ୍ଷକ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

# ବିଜେଡିରେ ଯୋଗଦେଲେ ପୂର୍ବତନ ଭାଜପା ବିଧାୟକ

ପାରଳାଖେମୁଣ୍ଡି, ୧୪ (ସ୍ୱ.ପ୍ର.)

ଗଜପତି ଜିଲା ମୋହନା ବ୍ଲକର ବରିଷ୍ଠ ଭଜପା ନେତା ତଥା ପୂର୍ବତନ ବିଧାୟକ ଭରତ ପାଇକ ଓ ଜିଲା ପରିଷଦ ସଦସ୍ୟା ଏବଂ ଭାଜପା ଜିଲା ମହିଳାମୋର୍ଚ୍ଚା ସଭାନେତ୍ରୀ ସୁପ୍ରଭା ମଣ୍ଡଳ ସୋମବାର ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନିଜ ସମର୍ଥକମାନଙ୍କ ସହ ବିଜେଡିରେ ଯୋଗଦେଇଛନ୍ତି । ଏମାନଙ୍କ ସହ ପୂର୍ବତନ କତଲକଇଠା ପଞ୍ଚାୟତର ନାଏବ ସରପଞ୍ଚ ଭବାନୀ ଶଙ୍କର ରଥ ଏବଂ ଆର.ଉଦୟଗିରି ବ୍ଲକର ପୂର୍ବତନ



ନବୀନ ନିବାସରେ ଭରତ ପାଇକ ବିଜେଡିରେ ଯୋଗ ଦେଉଛନ୍ତି ।

ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ବଡମୁଣ୍ଡି ମଧ୍ୟ ବିଜେଡିରେ ଯୋଗଦେଇଛନ୍ତି । ଏମାନେ ସମସ୍ତେ ନବୀନଙ୍କ ନେତୃତ୍ୱ ଏବଂ ସୁଶାସନରେ ପ୍ରଭାବିତ ହୋଇ ବିଜେଡିରେ ଯୋଗଦେଇଥିବା କହିଛନ୍ତି । ଭାଜପାର ବରିଷ୍ଠ ନେତା ଦୀର୍ଘଦିନ ହେବ ମୋହନା ନିର୍ବାଚନମଣ୍ଡଳୀରେ ସଙ୍ଗଠନ ପାଇଁ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ବିଧାୟକ ଟିକେଟ ନ ମିଳିବାରୁ ସେ ବିଜେଡିରେ ଯୋଗଦେଇଛନ୍ତି । ଭାଜପାରେ ସେ ଜଣେ ପୁରୁଖା ସଂଗଠକ ହୋଇଥିଲେ ମଧ୍ୟ ତାଙ୍କୁ ଅଣଦେଖା କରାଯାଇଥିବାରୁ ସେ ଦଳ ଛାଡିଥିବା କହିଛନ୍ତି। ଗଜପତି ଜିଲା ବିଜେଡିର କାର୍ଯ୍ୟକାରୀ ସଭାପତି ଭାବେ ପ୍ରାଧ୍ୟାପକ ମାରୁତ କୁମାର ପାଳ ନୂତନ ଭାବେ ଯୋଗଦେବା ପରେ ତାଙ୍କ ନେତୃତ୍ୱରେ ନବୀନ ନିବାସଠାରେ ଏହି ମିଶ୍ରଣ ପର୍ବ ହୋଇଥିବା ଜଣାପଡିଛି ।

■ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

# ଗଜପତିଙ୍କ ଭୂମିକା ଚିରସ୍ମରଣୀୟ

ପାରଳାଖେମୁଣ୍ଡି, ୧୪(ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ଶିକ୍ଷା ଓ ଶିକ୍ଷକ ପ୍ରତିଷ୍ଠାନ ସଭା ଗୃହଠାରେ ଜିଲା ପ୍ରଶାସନ ପକ୍ଷରୁ ୮୪ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳ ସମୟରେ ଗଜପତିବିହାରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସମାଧି ପୀଠରେ ଏବଂ ପରେ ବଜାରଛକସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ଅନୁପମ ଶାହା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରାଣାଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ପୁଷ୍ପମାଲ୍ୟ ଅର୍ପଣ



ଜିଲାସ୍ତରୀୟ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

କରିଥିଲେ । ଆୟୋଜିତ ସଭାରେ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ.ରୀନା ସାହୁ ଅଧକ୍ଷତା କରି ଓଡିଶା ଦିବସ ପାଳନର ମହତ୍ତ୍ୱ ଉପରେ ମତ ରଖିଥିଲେ । ଏସକେସିଜି କଲେଜର ବରିଷ୍ଠ ଅଧାପକ ଡ. ଅଜୟ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ମୃତିଚାରଣ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇରହିବ ବୋଲି ପ୍ରକାଶ କରିଥିଲେ । ଭାଷାକୁ ବଞ୍ଚାଇ ରଖିଲେ ଜାତିର ଉନ୍ନତି ହେବ ବୋଲି ଅତିରିକ୍ତ ଜିଲାପାଳ ସ୍ୱଧାଦେବ ସିଂ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ରବିଚନ୍ଦ୍ର ନାୟକ ଏବଂ ଅଚ୍ୟୁତାନନ୍ଦ ବସ୍ତିଆ ମଞ୍ଚାସୀନ ଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତାଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ଡିଏଭି ଗୁରୁକୁଳ, ଗୁଡ଼ମର୍ନିଂ ପ୍ଲେ ସ୍କୁଲର ବାର୍ଷିକ କ୍ରୀଡା

ଚିତ୍ରକୋଣ୍ଡା, ୧୪(ଡି.ଏନ.ଏ.)

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଚିତ୍ରକୋଣ୍ଡାସ୍ଥିତ ଡିଏଭି ଗୁରୁକୁଳ ଏବଂ ଗୁଡ଼ ମର୍ନିଂ ପ୍ଲେ ସ୍କୁଲ ଆନୁକୂଲ୍ୟରେ ମିନି ଷ୍ଟାଡିୟମ ପଡିଆଠାରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୩ ବର୍ଷରୁ ୫ ବର୍ଷ ବୟସର କୋମଳମତି ପିଲାଙ୍କୁ ନେଇ ସୋମାନଙ୍କ ମଧ୍ୟରେ ଗୀତ, ନୃତ୍ୟ ଓ ଦୌଡ ପ୍ରତିଯୋଗିତା ହୋଇଥିଲା। କ୍ରୀଡା ମାଧ୍ୟମରେ ପିଲା ମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ହୋଇଥାଏ ବୋଲି ବିଦ୍ୟାଳୟ ସମ୍ପାଦକ ରାକେଶ ମହାରଣା ପ୍ରକାଶ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସହ ସମ୍ପାଦକ ବଜ୍ରବନ୍ଧୁ ନାୟକ ସୂଚନା ଦେଇଛନ୍ତି। ସମାଜସେବୀ ଦେବେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

### ରନ୍ଧାମଦ ଜବତ : ୩ ଗିରଫ

ଆସିକା, ୧୪ (ଡି.ଏନ୍.ଏ.)

ଆସିକା ଥାନା ଡୁଙ୍ଗୁଣିସ୍ଥିତ ଏରୋଗୋଲା ବସାରେ ସୋମବାର ପୋଲିସ ଚଡାଉ କରି ୭୦ ଲିଟର ରନ୍ଧା ମଦ ଜବତ କରିଛି। ଏହି ଘଟଣାରେ ଉକ୍ତ ବସାର ଏ. ରବି, ଏ. ବିଜୟ ଓ ଏ. ବାଲାଜୀଙ୍କୁ ଗିରଫ କରାଯାଇଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଝଞ୍ଜାବତୀ ମହିଳା ୱାର୍କର୍ସ କ୍ଲବ ଉଦ୍‌ଘାଟିତ

ରାୟଗଡା ଅଫିସ୍, ୧।୪- ରାୟଗଡା ଝଞ୍ଜାବତୀ ମହିଳା ୱାର୍କର୍ସ କ୍ଲବ ସୋମବାର ଉଦ୍‌ଘାଟିତ ହୋଇଛି। ପୂର୍ବତନ ଡିଜି ୱାର୍କର ଡା. ଇ.ପି ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା କ୍ଲବ୍‌କୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପୂର୍ବତନ ଡିଜି ସତ୍ୟବାଦୀ ପତି, ଡା. ଦୁଃଖୀଶ୍ୟାମ ଦାଶ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଡାଲି ରାଜୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଗୋପସୁନ୍ଦର ଦାଶ ସଭା ପରିଚାଳନା କରିଥିଲେ। କୋଷାଧକ୍ଷ ଶଙ୍କର୍ଷଣ ମଙ୍ଗରାଜ ମଞ୍ଚ ପରିଚାଳନା କରିଥିଲେ। ଏହି ସଭାରେ ଝଞ୍ଜାବତୀ ମହିଳା ୱାର୍କର୍ସ କ୍ଲବ୍‌ର ସଭାନେତ୍ରୀ ଭାବେ କୃଷ୍ଣପ୍ରିୟା ସାହାଣୀ ନିର୍ବାଚିତ ହୋଇଥିଲେ। ସରସ୍ୱତୀ ସାହୁ ସମ୍ପାଦିକା, ଅର୍ଚ୍ଚନା ପଟ୍ଟନାୟକ ଉପସଭାନେତ୍ରୀ, ସଞ୍ଜୁକ୍ତା ମିଶ୍ର କୋଷାଧକ୍ଷା, ମାଳତି ଚୌଧୁରୀ ଉପକୋଷାଧକ୍ଷା, ରଶ୍ମିତା ପଣ୍ଡାଙ୍କୁ ନିର୍ବାଚିତ କରାଯାଇଥିଲା। ସଭ୍ୟା ଭାବେ ରବିରାଣୀ କୁଣ୍ଡୁ, ଡା. ସରିତା ମିଶ୍ର, ପଦ୍ମାଳୟା ମିଶ୍ର, ବିମଳା ଗୁଲାନି, ସୁଦିପ୍ତା ଦାଶ, ସୁଜାତା ପାଳ ନିର୍ବାଚିତ ହୋଇଥିଲେ।

### କଂଗ୍ରେସର ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ



ଗୁଣପୁର,୧।୪(ଡି.ଏନ୍.ଏ.)- ରାୟଗଡା ଜିଲା ଗୁଣପୁର ଆମ୍ବାପା ମନ୍ଦିର ସମ୍ମୁଖରେ କଂଗ୍ରେସର ନିର୍ବାଚନ କାର୍ଯ୍ୟାଳୟ ସୋମବାର ଉଦ୍‌ଘାଟିତ ହୋଇଛି। ଦଳର ବିଧାୟକ ପ୍ରାର୍ଥୀ ପୁରୁଷୋତ୍ତମ ଗମାଙ୍ଗଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ। ବରିଷ୍ଠ ଏବଂ ବୟୋଜ୍ୟେଷ୍ଠ ନେତାଙ୍କୁ ପୁରୁଷୋତ୍ତମ ଫୁଲମାଳ ପିନ୍ଧାଇ ସ୍ୱାଗତ କରିଥିଲେ। ପୂର୍ବତନ ଜିଲା ପରିଷଦ ଅଧକ୍ଷ ବିଜୟ ଗମାଙ୍ଗ, ପୂର୍ବତନ ବ୍ଲକ ଅଧକ୍ଷ ବାଲୀ ଗମାଙ୍ଗ, ନଗର ସଭାପତି ଏସ୍.ବାବା ପ୍ରସାଦ, ଇଂ.ବିଷ୍ଣୁ ପଟ୍ଟନାୟକ, ଏ.ନାଗଭୂଷଣ ରାଓ, ଶ୍ରୀକାନ୍ତ ବେହେରା, ଭୋଳା ମହାକୁଡ, ବି.ୱାସୁଦେବ ରାଓ, ପି.ଗଣେଶାଙ୍କ ସମେତ ବହୁ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ।

### କୃଷି ଅଧିଦର୍ଶକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମୁନିଗୁଡ଼ା,୧।୪(ଡି.ଏନ୍.ଏ.)- ରାୟଗଡା ଜିଲାର ମୁନିଗୁଡ଼ା ଶ୍ରୀରାମ ମନ୍ଦିରରେ ସୋମବାର କୁମୁଡାବାଲି କୃଷି ଅଧିଦର୍ଶକ କୈଳାସ ଚନ୍ଦ୍ର ରଥଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ବିଭାଗୀୟ ସହକାରୀ କୃଷି ଅଧିକାରୀ ରବି ଶଙ୍କର, ରାମ ଲାଲ ସାମଡ଼, କୃଷି ଅଧିଦର୍ଶକ ଭୁବନମୋହନ ବାଇନ, ରମେଶ ପ୍ରସାଦ ତୱାରୀ, ସୁଦାମ ପ୍ରଧାନୀ, ରାଜେନ୍ଦ୍ର ପ୍ରସାଦ ମିଶ୍ର, ନମିତା ପାଢ଼ୀ, ରମେଶ ଚନ୍ଦ୍ର ରଥ, ମୀନକେତନ ହୁଇକା, ଦିଲୀପ କୁମାର ସାହୁ, ବିଶ୍ୱଲାଲ ଭୁଜବଳ, ବ୍ଲକ ବୈଷୟିକ ସହାୟକ ରଙ୍କନିଧି ପ୍ରଧାନ, ଉତ୍ତମ କୁମାର ଦାସ, ପ୍ରଭାତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୃଷି ବିଭାଗରେ ଦୀର୍ଘ ୩୯ ବର୍ଷ ଧରି କୃଷି ଅଧିଦର୍ଶକ ରଥ ସଫଳତାର ସହ ଦାୟିତ୍ୱ ତୁଲାଇଥିଲେ ବୋଲି ଅତିଥିମାନେ କହିଥିଲେ। ରଥଙ୍କୁ ଉପଢ଼ୌକନ ପ୍ରଦାନ କରାଯାଇଥିଲା।

# ସମସ୍ତଙ୍କ ପ୍ରଚେଷ୍ଟାରେ ଓଡ଼ିଆ ଭାଷା ସମୃଦ୍ଧ ହେବ



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।



ଜିଲାପାଳ ସ୍ୱାକ୍ଷର କରି ଦସ୍ତଖତ ଅଭିଯାନର ଶୁଭାରମ୍ଭ କରୁଛନ୍ତି।

ରାୟଗଡା ଅଫିସ, ୧।୪

ଓଡ଼ିଆ ଭାଷାର ଭାବକୁ ନୂତନ ପିଢିଙ୍କ ପାଖରେ ପହଞ୍ଚାଇବା ଓ ଏହି ଭାଷାକୁ ସମୃଦ୍ଧ କରିବା ପାଇଁ ସମସ୍ତଙ୍କ ପ୍ରଚେଷ୍ଟାର ଆବଶ୍ୟକତା ରହିଛି ବୋଲି ଜିଲାସ୍ତରୀୟ ଉତ୍କଳ ଦିବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାପାଳ ପ୍ରମୋଦ କୁମାର ବେହେରା କହିଛନ୍ତି। ରାୟଗଡା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଦୀପ କୁମାର ଦାଶ ଯୋଗ ଦେଇଥିଲେ। ସ୍ୱାଭିମାନୀ ଓଡିଆଙ୍କ ଜୀବନୀ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ବିଷୟରେ ସେ ଆଲୋକପାତ କରିଥିଲେ। ଅତିଥିମାନେ ମହାତ୍ମା ଗାନ୍ଧୀ ଶିଶୁ ଉଦ୍ୟାନ ପରିସରରେ ଥିବା ଉତ୍କଳର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଏବଂ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସୋମବାର ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇ ସହର ପରିକ୍ରମା କରାଯାଇଥିଲା। ସେହିପରି ୭ଘଟିକା ସମୟରେ ସ୍ଥାନୀୟ ଗଜପତି ଛକରେ ଥିବା ଗଜପତି କୃଷ୍ଣଚନ୍ଦ୍ର ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପୌରପରିଷଦ ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ, ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ, ଜିଲା କ୍ରୀଡା ଅଧିକାରୀ ଶେଖ୍ ଅଲିନୁର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ, ବରିଷ୍ଠ ନାଗରିକ ଗୋପୀନାଥ ସାହୁ, ଆଇନଜୀବୀ କେଦାରନାଥ ପଣ୍ଡା, ବରିଷ୍ଠ ଖବରଦାତା ନୃସିଂହନାଥ ପାଢୀ, ବରିଷ୍ଠ ନାଗରିକ ସଂଘ ସଭାପତି ବିନୋଦଚନ୍ଦ୍ର ପଣ୍ଡା, ଉପସଭାପତି ସତ୍ୟବାଦୀ ପତି, ସୁରେନ୍ଦ୍ର ସାହୁ, ଜିଲା ସଂସ୍କୃତି ପରିଷଦ ସଂଯୋଜକ ତଥା ଶିକ୍ଷାବିତ୍ ଡ.ଦୁଷ୍ମନ୍ତ ମହାନ୍ତି, ସାମାଜିକ କର୍ମୀ ଜୟରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଗାନ୍ଧୀ ପାର୍କରେ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଜାଦ୍ ହିନ୍ଦ୍ ୟୁଥ ଆସୋସିଏଶନ କଳାକାରମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ। ଉତ୍କଳ ଦିବସ ପାଳନ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। କଣ୍ଠଶିଳ୍ପୀ ପ୍ରଶାନ୍ତ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ ପରିଚାଳନା କରିଥିଲେ। ରାୟଗଡା ପ୍ରେସ ୟୁନିୟନ, ସ୍ଥାନୀୟ ଗାନ୍ଧୀ ପାର୍କରେ 'ଓଡିଆରେ ପଦେ' ଦସ୍ତଖତ ଅଭିଯାନ କରିଥିଲା।

# ରାୟଗଡ଼ାରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ରାୟଗଡା ଅଫିସ୍, ୧।୪–

ଶହୀଦ ଲକ୍ଷ୍ମଣ ନାୟକ ସ୍ପୋର୍ଟ୍ସ ଆଣ୍ଡ କଲ୍‌ଚରାଲ ୟୁଥ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଜିସିଡି ଉଚ୍ଚ ବିଦ୍ୟାଳୟ ପରିସରରେ ଦକ୍ଷିଣ ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଏସ୍‌ପି ଭି.ଆର୍ ରାଓ ମୁଖ୍ୟ ଅତିଥି, ଏସ୍‌ଡିପିଓ ତପନ ରଥ, ଉତ୍କଳ ଆଲୁମିନା ବରିଷ୍ଠ ମହାପ୍ରବନ୍ଧକ ରାକେଶ ମିଶ୍ର ଓ ଜିଲା କଂଗ୍ରେସ କମିଟି ସଭାପତି ତଥା ଆଇନଜୀବୀ ଦୁର୍ଗାପ୍ରସାଦ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ରାୟଗଡା, ବଲାଙ୍ଗୀର, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାରୁ ୫୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ରାୟଗଡାର ସୁଶାନ୍ତ ମିଣିଆକା ପ୍ରଥମ, ଜି.କିଶୋର ଦ୍ୱିତୀୟ ହୋଇଥିଲେ। ଉଚ୍ଚସ୍ତରୀୟ ପ୍ରଦର୍ଶକ ଭାବେ ଟିଟିଲାଗଡର ଚନ୍ଦ୍ରକାନ୍ତ ଓ ମସଲାର ଭାବେ ରାୟଗଡା ଚନ୍ଦ୍ରଶେଖର ରାଓ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ସଂଘ ଉପଦେଷ୍ଟା ତଥା ଓକିଲ ସଂଘ ସମ୍ପାଦକ ପଦ୍ମନାଭ ଦାଶ, ସୁଶାନ୍ତ ପ୍ରଧାନ, ସଭାପତି ଦୋରା କଣ୍ଡାଗରୀ, ସମ୍ପାଦକ ତେଜାବ ସୁନା ପରିଚାଳନା କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

# ବୁଥ୍ କର୍ମଚାରୀଙ୍କୁ ତାଲିମ

ରାୟଗଡା ଅଫିସ୍, ୧।୪–

ଜିଲା ନିର୍ବାଚନ ବିଭାଗ ପକ୍ଷରୁ ବୁଥ୍ କର୍ମଚାରୀଙ୍କ ୫ଦିନିଆ ତାଲିମ ଶିବିର ଆରମ୍ଭ ହୋଇଛି। ସ୍ଥାନୀୟ ୟୁଜିଏମ୍‌ଆଇଟି ବୈଷୟିକ ମହାବିଦ୍ୟାଳୟରେ ଆୟୋଜିତ ତାଲିମ ଶିବିରରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ, ସର୍ବଶିକ୍ଷା ଅଭିଯାନ ଡିପିସି ଆନାସ୍ତେଶିଆ କେରକେଟା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁର ତାଲିମ ଦେଇଥିଲେ। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଧିକାରୀ ଓ ପୋଲିଂ ଅଧିକାରୀଙ୍କୁ ସେମାନେ ତାଲିମ ଦେଇଥିଲେ। ଇଭିଏମ୍ ପରିଚାଳନା ସହ ଭିଭିପିଏଟି ବ୍ୟବହାର ସମ୍ପର୍କରେ ସେମାନଙ୍କୁ ତାଲିମ ଦିଆଯାଇଥିଲା। ଭୋଟ ପୂର୍ବଦିନ ନିର୍ବାଚନ ସାମଗ୍ରୀ ସମସ୍ତ କର୍ମଚାରୀଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ଦିଲ୍ଲୀପ କୁମାର ସାବତ, ରାୟଗଡା ଏସ୍‌ଡିପିଓ ନୃସିଂହ ଚରଣ ପଟ୍ଟନାୟକ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଶିବିରରେ ତାଲିମ ନେଉଥିବା ଅଧିକାରୀମାନେ ।

# ଓଡ଼ିଶା ଦିବସରେ ବରପୁତ୍ରଙ୍କ ସ୍ମୃତିଚାରଣ

ଟିକିରି/ରାମନାଗୁଡ଼ା/ଗୁଣପୁର, ୧।୪(ଡି.ଏନ୍.ଏ.)–

ରାୟଗଡା ଜିଲା କାଶୀପୁର ବ୍ଲକ ନୂଆପଡାସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲରେ ଅଧକ୍ଷ ଲକ୍ଷ୍ମୀ ନାରାୟଣ ଦାସଙ୍କ ସଭାପତିତ୍ୱରେ ଓଡିଶା ଦିବସ ପାଳିତ ହୋଇଛି। ଏହି ଅବସରରେ ଉତ୍କଳ ଆଲୁମିନା ଯୁଗ୍ମ ସଭାପତି ମଜହର ଉଲ୍ଲା ବେଗ୍ ଓ ଉତ୍କଳ ଆଲୁମିନାର ମାନବ ସମ୍ବଳ ବିକାଶ ମୁଖ୍ୟ ଟି.ଏମ୍ ପ୍ରକାଶ ଉତ୍କଳ ଦିବସର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଛାତ୍ରୀଛାତ୍ରମାନେ ବନ୍ଦେ ଉତ୍କଳ ଜନନୀ ଗାଇଥିଲେ। ପୂର୍ବରୁ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତା କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯାଇଥିଲା। ଏଥିରେ ଚତୁର୍ଥ ଶ୍ରେଣୀ 'କ'ର ସୁଶ୍ରୀ ସ୍ମୃତିରେଖା ଷଡଙ୍ଗୀ, ଚତୁର୍ଥଶ୍ରେଣୀ ରବି ହାଉସ୍‌ର ତନୁଶ୍ରୀ ନାୟକ, ଷଷ୍ଠ ଶ୍ରେଣୀ 'ଖ' ର ଅର୍ଦ୍ଧେନ୍ଦୁ ଆଚାର୍ଯ୍ୟ, ପଞ୍ଚମ ଶ୍ରେଣୀ ଅରୁଣ ହାଉସ୍‌ର ଅର୍ଚ୍ଚିତା ଖଣ୍ଡୁଆଳ ନବମ ଶ୍ରେଣୀ 'ଗ'ର ଆକାଶ ନାୟକ, ନବମ ଶ୍ରେଣୀ ରବି ହାଉସ୍‌ର କାଞ୍ଚନ କୁମାର ନାୟକ ବିଜୟ ଲାଭ କରିଥିଲେ। ବିଦ୍ୟାଳୟ କଳା ଶିକ୍ଷକ ପାର୍ଥଦେବଙ୍କ ତତ୍ତ୍ୱାବଧାନ ଓ ଲକ୍ଷ୍ମୀ ନାରାୟଣ ଦାଶଙ୍କ ଅଧକ୍ଷତାରେ ଏକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ଉତ୍କଳ ଆଲୁମିନା ଯୁଗ୍ମ ସଭାପତି ମଜହର ଉଲ୍ଲା ବେଗ୍, ଉତ୍କଳ ଆଲୁମିନା ମାନବ ସମ୍ବଳ ବିକାଶ ମୁଖ୍ୟ ଟି.ଏମ୍. ପ୍ରକାଶ ଉପସ୍ଥିତ ଥିଲେ। ଏଥିରେ ବହୁତ ସଂଖ୍ୟାରେ ଅଭିଭାବକମାନେ ଯୋଗ ଦେଇଥିଲେ।



ଉତ୍କଳ ଦିବସ ଅବସରରେ ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲରେ ଚିତ୍ରକଳା ପ୍ରଦର୍ଶନୀ।

ରାମନାଗୁଡ଼ା ବ୍ଲକ ସୁଣ୍ଡିଧାମୁଣୀ ପଞ୍ଚାୟତ ପାରୁପାଇ ଉଚ୍ଚ ବିଦ୍ୟାଳୟରେ ଓଡିଶା ଦିବସ ପାଳିତ ହୋଇଛି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବରପୁତ୍ରମାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଛାତ୍ରୀମାନେ ଉତ୍କଳ ଦିବସ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ମହାପାତ୍ର, ଶିକ୍ଷୟିତ୍ରୀ ଇନ୍ଦ୍ରାଣୀ ଦାସ, ଶିକ୍ଷକ ମହେନ୍ଦ୍ର ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଛାତ୍ରୀମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।

ଗୁଣପୁର ଡ୍ରିମ ଇଣ୍ଡିଆ ସ୍କୁଲରେ ଓଡିଶା ଦିବସ ପାଳିତ ହୋଇଛି। ଅନୁଷ୍ଠାନ ମୁଖ୍ୟ ପ୍ରଶାସନିକ ଅଧିକାରୀ ଅଶୋକ କୁମାର କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ସୀମାଞ୍ଚଳ କର ଓ ବିଜୟ କୁମାର ପାଢୀ ଉପସ୍ଥିତ ଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅପରପକ୍ଷେ ଗୁଣପୁର ଉପଖଣ୍ଡସ୍ତରୀୟ ଓଡିଶା ଦିବସ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପାଳିତ ହୋଇଛି। ଉପଜିଲାପାଳ ଡ଼ ସିଦ୍ଧେଶ୍ୱର ବଳିରାମ ବନ୍ଦର ଏବଂ ତହିସଲଦାର ନମ୍ରତା ମୋଦି ଓଡିଶାର ବରପୁତ୍ରଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ୧୧ଟାରେ ଏହି କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ବିଳମ୍ବ ହେବାରୁ ଖବରଦାତାମାନେ ନିରାଶ ହୋଇ ଫେରିଥିଲେ। ଉପଜିଲାପାଳ ସରକାରୀ କର୍ମଚାରୀଙ୍କୁ ନେଇ ଏହି ଦିବସ ପାଳନ କରିଥିଲେ।

### ଖତ ପ୍ରସ୍ତୁତି, ପ୍ରୟୋଗ ସମ୍ପର୍କୀୟ ତାଲିମ

ମୁନିଗୁଡ଼ା,୧।୪(ଡି.ଏନ୍.ଏ.)

ରାୟଗଡା ଜିଲା ମୁନିଗୁଡ଼ା ବ୍ଲକ ଭାଲିଆପଦର ଫାର୍ କାର୍ଯ୍ୟାଳୟରେ ସୋମବାର ଓଡ଼ିଶା ଜନଜାତି ସଶକ୍ତୀକରଣ ଏବଂ ଗୁଣୁପୁର ଜୀବିକା ନିର୍ବାହ ପ୍ରକଳ୍ପ ସହାୟତାରେ ଗ୍ରାମ ଉନ୍ନୟନ କମିଟି ଏବଂ ଏସ୍‌ଏଚ୍‌ଜି ମହିଳାଙ୍କୁ ତାଲିମ ଦିଆଯାଇଛି। ସେମାନଙ୍କୁ ଜିଆ ଖତ, ଖତ, ସବୁଜ ସାର, ହାଣ୍ଡିଖତ ପ୍ରସ୍ତୁତି ପ୍ରଣାଳି ଓ ପ୍ରୟୋଗ ବିଧି ସହ ଜୈବିକ କୃଷି ପଦ୍ଧତି, ସ୍ୱଳ୍ପ ଖର୍ଚ୍ଚଯୁକ୍ତ କୃଷି ପ୍ରଣାଳୀ ସମ୍ପର୍କରେ ତାଲିମ ଦିଆଯାଇଛି। ତଳଛେଲିଆ ନାଳ, ଉପରଛେଲିଆ ନାଳ, ଶଙ୍କଟା, ଟିକରପଡା, ଥୁଆପାଡି, ଲଙ୍ଗଳବେଡା, କୁଜିଂ, ରାମସାପଦର, ସିକ୍‌ସୋର, ଘମାଟିଗୁଡା, ଡାକଡିମିରି, ମାଳିମୁଣ୍ଡା, ମେଳଛୁଆଁ, କାଡାଘାଟୀ, ଡେଙ୍ଗୁଣି, ରେଟଡି, କୁଟୁଣୀପଦର, କାଣିବୋରୀ, କାଞ୍ଚନଭଟ୍ଟା ଗ୍ରାମବାସୀ ଶିବିରରେ ଉପସ୍ଥିତ ଥିଲେ। ବ୍ଲକ ବୈଷୟିକ ସହାୟକ ଉତ୍ତମ କୁମାର ଦାସ, ମହାଶକ୍ତି ଫାଉଣ୍ଡେଶନ ତପନ କୁମାର ନାୟକ, କ୍ଷୁଦ୍ର ଆର୍ଥିକ ବିକାଶ ଯୋଜନା ପ୍ରଶିକ୍ଷକ ଗୌରାଙ୍ଗ ଚରଣ ରାଉତ ସେମାନଙ୍କୁ ତାଲିମ ଦେଇଥିଲେ। ପ୍ରକଳ୍ପ ସଂଯୋଜକ ଲୋକନାଥ ପ୍ରଧାନ, ଆଞ୍ଚଳିକ କର୍ମୀ କୀର୍ତ୍ତନ ସାହୁ, କାର୍ଯ୍ୟାଳୟ ଅଧିକାରୀ କଳିଙ୍ଗ କେଶରୀ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୮୪ତମ ପୋଲିସ ପ୍ରତିଷ୍ଠା ଦିବସ

ପାରଳାଖେମୁଣ୍ଡି, ୧।୪ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ଉପକଣ୍ଠ ବେତାଗୁଡାସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ୮୪ତମ ଜିଲାସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏସ୍‌ପି ସାରା ଶର୍ମା ଯୋଗ ଦେଇ ପ୍ରଥମେ ପରେଡ଼ ଅଭିବାଦନ ଗ୍ରହଣ କରବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ପୋଲିସ ବାହିନୀର କର୍ତ୍ତବ୍ୟ ଓ ସେବା ସମ୍ପର୍କରେ ସେ କହିଥିଲେ । ଏହି ଅବସରରେ ଉଲ୍ଲେଖନୀୟ ସେବା ପାଇଁ କିଛି ପୋଲିସ ଅଧିକାରୀ ଓ କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପୋଲିସ ପକ୍ଷରୁ ପରେଡ଼ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପୋଲିସ ରିଜର୍ଭ ଇନ୍ସପେକ୍ଟର ଦୁର୍ଯ୍ୟୋଧନ ବେହେରାଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।



ଏସ୍‌ପି ପରେଡ଼ ଅଭିବାଦନ ଗ୍ରହଣ କରୁଛନ୍ତି।

### ଦୁର୍ଘଟଣାରେ ଯୁବକ ମୃତ

ଜେକେପୁର, ୧।୪(ଡି.ଏନ୍.ଏ)

ପେଣ୍ଟା ପଞ୍ଚାୟତ କୁରୁମପେଟାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ସେ ହେଲେ ଶ୍ରୀନିବାସ ନଗରର ଉରୁମୋହନ କୁମାର(୧୮)। ପ୍ରକାଶ ଯେ, ସୋମବାର ସକାଳେ ଉରୁ ଏକ ଇଟା ବୋଝେଇ ଡାଲା ଅଟୋ (ଓଡି-୧୮ବି-୫୮୬୪)ରେ ଯାଉଥିବାବେଳେ କୁରୁମପେଟା ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଦୁର୍ଘଟଣାରେ ଡ୍ରାଇଭରର କୌଣସି କ୍ଷୟକ୍ଷତି ଘଟିନଥିବା ବେଳେ ଉରୁ ଗୁରୁତର ହୋଇଥିଲେ। ଡାକ୍ତରଖାନା ନେବା ବାଟରେ ସେ ପ୍ରାଣ ହରାଇଥିଲେ। ଏ ନେଇ ଚାନ୍ଦିଲି ଥାନାରେ କେଶ୍ ନଂ ୬୪/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର ହୋଇଛି।

### ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ

ପଦ୍ମପୁର, ୧।୪(ଡି.ଏନ୍.ଏ.)

ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ୍ରମେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ କରାଯାଇଛି। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫ୍‌ନର୍ସ, ଲ୍ୟାବ ଟେକ୍ନିସିଆନ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ସାମିଲ ହୋଇଥିଲେ। ମେଡିକାଲ ମୁଖ୍ୟ ଚିକିତ୍ସାଧିକାରୀ ରାଜେଶ ରାଉତ, ଡାକ୍ତର ସୌମ୍ୟ ରଞ୍ଜନ ପତି, ସୌମ୍ୟ ତ୍ରିପାଠୀ, ବିପିଓ ମନୋଜ କୁମାର ପଣ୍ଡା, ଫାର୍ମାଶିଷ୍ଟ ମନୋଜ କୁମାର ସୁବୁଦ୍ଧି ସଫେଇ କାର୍ଯ୍ୟ ତଦାରଖ କରିଥିଲେ। ମେଡିକାଲ ଚାରିପଟେ ବୃକ୍ଷରୋପଣ ସହ ଏହାର ପରିମଳ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ।



କର୍ମଚାରୀମାନେ ଡାକ୍ତରଖାନା ସଫେଇ କରୁଛନ୍ତି।

# ଲୋକଙ୍କ ସହ ସୁସମ୍ପର୍କ ପ୍ରତିଷ୍ଠା କରୁଛି ଆରକ୍ଷୀବାହିନୀ



ଜେକେପୁରଠାରେ ପରେଡରେ ସାମିଲ ହୋଇଥିବା ପୋଲିସ କର୍ମଚାରୀ।



ଗୁଣପୁର କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଫିସର ଏବଂ ମାନ୍ୟଗଣ୍ୟ ବ୍ୟକ୍ତି।

ଜେକେପୁର/ଗୁଣପୁର, ୧।୪(ଡି.ଏନ୍.ଏ.)

ଜେକେପୁରସ୍ଥିତ ରିଜର୍ଭ ପୋଲିସ ପଡିଆରେ ୮୪ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଏଏସ୍‌ପି ଭି.ଆର୍. ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଅବସରରେ ଅନୁଷ୍ଠିତ ପରଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ପୋଲିସ ସବୁ ସମୟରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ପାଳନ କରି ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରିବାକୁ ପ୍ରୟାସ କରୁଛି ବୋଲି ରାଓ କହିଥିଲେ। ସେହିପରି ୨୦୧୮-୧୯ବର୍ଷ ପାଇଁ ଶ୍ରେଷ୍ଠ ସବ୍‌ଇନ୍ସପେକ୍ଟର ଭାବେ ରାଜକିଶୋର ବେହେରା, ଶ୍ରେଷ୍ଠ ଏଏସ୍‌ଆଇ ଭାବେ ବ୍ରଜେନ୍ଦ୍ର କୁମାର ସାହୁ, ଶ୍ରେଷ୍ଠ ହାବିଲଦାର ଭାବେ ପ୍ରମୋଦ କୁମାର ସାହୁ ଓ ସି/୨୦୪- ଶ୍ରେଷ୍ଠ କନଷ୍ଟେବଲଭାବେ ଗୌରୀ ଶଙ୍କର ସାହୁ, ସି/୩୯୦ ରେ ବିରଞ୍ଚି ନାରାୟଣ ମହାନ୍ତିଙ୍କୁ ପୁରସ୍କୃତ କରାଯାଇଛି। ଏହାଛଡ଼ା ଶଷଖାଲ ଥାନା ସବ୍-ଇନ୍ସପେକ୍ଟର ଭୀମସେନ ପୂଜାରୀ, ହେଡ୍ କନଷ୍ଟେବଳ ବାବା କିଶୋର ପାଣିଗ୍ରାହୀ ଓ କନଷ୍ଟେବଳ ସତ୍ୟନାରାୟଣଙ୍କୁ ବାଣିଜ୍ୟ ବିଭାଗ ଆୟୁକ୍ତଙ୍କ ପକ୍ଷରୁ ସ୍ୱତନ୍ତ୍ର ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାୟଗଡା ଏସ୍‌ଡିପିଓ ତପନ ନାରାୟଣ ରଥ, ଡିଏସ୍‌ପି ସତ୍ୟପ୍ରକାଶ ଭୂୟାଁ, ଚାନ୍ଦିଲି ଥାନାଧିକାରୀ ଖିରେଶ୍ୱର ସାହୁ, ରାୟଗଡା ଥାନାଧିକାରୀ ନୀହାର ରଞ୍ଜନ ପ୍ରଧାନ, ଆଇଆରଏସ୍ ସିଦ୍ଧାର୍ଥ ଦାଶ, ଅବସରପ୍ରାପ୍ତ ଡେପୁଟି କମାଣ୍ଡେଣ୍ଟ ଦାମୋଦର କହଁର ପ୍ରମୁଖ ଉପସ୍ଥିତ ଥିଲେ। ରିଜର୍ଭ ପୋଲିସ ଅଧିକାରୀ ଆର.ହେମ୍ବ୍ରମ୍ ପରେଡ ପରିଚାଳନା କରିଥିଲେ।

ରାୟଗଡା ଜିଲା ରାମନାଗୁଡା ବ୍ଲକ ଭାମିନିସ୍ଥିତ ଦ୍ୱିତୀୟ ଆଇଆରବିଏନ୍ ବାଟାଲିୟନ ପକ୍ଷରୁ ୮୪ତମ ପୋଲିସ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଛି। ଏହି ଅବସରରେ ଡେପୁଟି କମାଣ୍ଡାଣ୍ଟ କୁରିଆ ବେହେରା ସମ୍ମିଳିତ ପରେଡ଼ ଅଭିବାଦନ ଗ୍ରହଣ କରିବା ସହ ମାଓବାଦୀ ଦମନରେ ସଫଳତା ହାସଲ କରିଥିବା ପୋଲିସ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ଏସ୍‌ଆଇଆର୍ମସ ଅକ୍ଷୟ କୁମାର ବଳ, ହାବିଲଦାର ମେଜର ଏ.କେ. ମୁଣ୍ଡ, ହାବିଲଦାର ଚିରଞ୍ଜିବି ନାୟକଙ୍କୁ ଡେପୁଟି କମାଣ୍ଡାଣ୍ଟ ବେହେରା ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଜିଆଇଇଟି ବିଶ୍ୱବିଦ୍ୟାଳୟ ଅଧକ୍ଷ ଡ. ସତ୍ୟ ପ୍ରକାଶ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ନରହରି ଦାସ, କୁଞ୍ଜ ବିହାରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।